ବର୍ଷ-୨୬, ସଂଖ୍ୟା-୩୧୬
ଭୁବନେଶ୍ୱର
ନଭେମ୍ବର, ୨୬, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 316
Bhubaneswar
November, 26, 2026, Thursday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com



ଗୋଷ୍ଠୀ ସଂଘର୍ଷରେ ଜଣଙ୍କର ମୃତ୍ୟୁ : ୨୫ରୁ ଊର୍ଦ୍ଧ୍ୱ ଆହତ

ନୟାଗଡ଼, ୨୫।୧୧(ମହାଭାରତ): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଗାତେରି ପଞ୍ଚାୟତ ଆଡ଼ିପଡ଼ା ଗ୍ରାମରେ ଗୋଷ୍ଠୀ ସଂଘର୍ଷ । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି । ମୃତକ ହେଲେ ମନୁ ବାରିକ ।

ସୂଚନା ଅନୁସାରେ, ଗାଁରେ ଦୀର୍ଘ ଦିନ ଧରି ବିବାଦ ରହିଥିଲା । କୌଣସି କାରଣକୁ ନେଇ ଆଜି ରାତିରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି । ଏବେ ବି ଉଭ ?ଜନା ଲାଗି ରହିଛି । ଆହତଙ୍କୁ ପ୍ରଥମେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି । ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପରିସ୍ଥିତିକୁ ନଜରରେ ରଖି ଗାଁରେ ପୁଲିସ ମୁତୟନ ହୋଇଛନ୍ତି ।

ତହସିଲଦାରଙ୍କୁ ଟ୍ରାକ୍ଟର ଚଢାଇ ହତ୍ୟା ଉଦ୍ୟମ !

ମୋରଡ଼ା, ୨୫।୧୧(ମହାଭାରତ): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ବେଆଇନ ମାଟି ଚାଲାଣ ବେଳେ ଚଢାଉ କରିବାକୁ ଯାଇଥିବା ବେଳେ ଜଣେ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ ହୋଇଛି । ଏହି ଘଟଣାରେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର କୁମାର ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଥାନାରେ ଟ୍ରାକ୍ଟର ଡ୍ରାଇଭରକୁ ପୋଲିସ ଅଟକ ରଖିଛି । ଡ୍ରାଇଭର ଜଣକ ହେଲେ ଚନ୍ଦୁ ବାସ୍କେ ।

ବୁଧବାର ସନ୍ଧ୍ୟାରେ ତହସିଲଦାର ଉପେନ୍ଦ୍ର କୁମାର ଦାସ ବାଛୁରୀପାଳ ଛକ ନିକଟରେ ବେଆଇନ ମାଟି ଚାଲାଣ ବେଳେ ଚଢାଉ କରିଥିଲେ । ଏହି ସମୟରେ ଏକ ଟ୍ରାକ୍ଟରରେ ବେଆଇନ ଭାବେ ମାଟି ଚାଲାଣ ହେଉଥିବାର ଗାଡିକୁ ତହସିଲଦାର ଅଟକାଇଥିଲେ । ଗାଡି ଚାଳକ ଜଣକ ତହସିଲଦାରଙ୍କ ଗାଡ଼ିକୁ ଧକ୍କା ଦେଇ ହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ରହିଛି । ନିଜ ଜୀବନ ବଞ୍ଚାଇବାକୁ ତହସିଲଦାର ଗାଡ଼ିରୁ ଡେଇଁ ପଡ଼ିବା ସହ ଟ୍ରାକ୍ଟରଟିକୁ ଅଟକାଇଥିଲେ । ପରେ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ । ଏହି ଘଟଣାକୁ ନେଇ ରାସଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଟ୍ରାକ୍ଟରଟିକୁ ଜବତ କରିଥିବା ବେଳେ ଚାଳକ ଚନ୍ଦୁ ବାସ୍କେଙ୍କୁ ଥାନାରେ ଅଟକ ରଖିଛି । ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି ।

ଗବେଷଣାରେ ବୈଜ୍ଞାନିକ ଦୃଷ୍ଟିକୋଣ ସହ ସ୍ୱଚ୍ଛତା ଓ ସଚ୍ଚୋଟତା ଜରୁରୀ

ଭୁବନେଶ୍ୱର, ୨୫।୧୧(ମହାଭାରତ): ଡାକ୍ତର ଅଭିନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ପରିସରରେ ଜାତୀୟ ହୋମିଓପାଥି ବୈଜ୍ଞାନିକ ସମ୍ମିଳନୀ-୨୦୨୬ ଆୟୋଜିତ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେ ହୋମିଓପାଥିକ ଶିକ୍ଷା ଓ ଗବେଷଣାରେ ବୈଜ୍ଞାନିକ ଦୃଷ୍ଟିକୋଣ, ସ୍ୱଚ୍ଛତା ଏବଂ ମାନବିକ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ । ୧୯୬୯ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ଓଡ଼ିଶା ଓ ଦେଶବାସୀଙ୍କୁ ସେବା ଯୋଗାଇ ଆସୁଛି । ହୋମିଓପାଥିର ବିକାଶ ପାଇଁ ବୈଜ୍ଞାନିକ ଅନୁସନ୍ଧାନ, ବ୍ୟବସ୍ଥିତ ଡକ୍ୟୁମେଣ୍ଟେସନ, ପାରଦର୍ଶୀ ରିପୋର୍ଟିଂ ଏବଂ ନିର୍ଭରଯୋଗ୍ୟ କ୍ଲିନିକାଲ ଡାଟାବେସ ଅତ୍ୟନ୍ତ ଜରୁରୀ । ଗବେଷଣାରେ ପ୍ରତିକୂଳ ଫଳାଫଳ ଓ ସୀମିତତାକୁ ସ୍ୱୀକାର କରିବାରେ ବୌଦ୍ଧିକ ସତ୍‌ଚୋଟତା ରହିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଏଆଇ, ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତି, ଜେନୋମିକ୍ସ ଓ ବିଗ୍ ଡାଟା ଆନାଲିଟିକ୍ସ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆଣୁଥିବା ବେଳେ, ମାନବିକ ସମବେଦନା ଚିକିତ୍ସାର ମୂଳଦୁଆ ହୋଇ ରହିବା ଉଚିତ୍ । ପ୍ରତ୍ୟେକ ରୋଗୀଙ୍କ ପଛରେ ଜଣେ ମଣିଷ ରହିଛି, ଯାହାର ଆଶା, ଭୟ ଓ ଆତ୍ମସମ୍ମାନ ରହିଛି । ଏହାକୁ କେବେ ବି ଭୁଲିବା ଉଚିତ୍ ନୁହେଁ ବୋଲି ସତର୍କ କରାଇଥିଲେ ମ୍ୟାଡାମ୍ ମୁର୍ମୁ ।

'ସ୍ୱାସ୍ଥ୍ୟ ହିଁ ସମ୍ପଦ' ବୋଲି ଉଲ୍ଲେଖ କରି ରାଷ୍ଟ୍ରପତି କହିଛନ୍ତି ଯେ, ଧନସମ୍ପତ୍ତି ଥିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ନଥିଲେ ତାହାର କୌଣସି ମୂଲ୍ୟ ରହେ ନାହିଁ । ଶିକ୍ଷା ଓ ସ୍ୱାସ୍ଥ୍ୟକୁ ମନୁଷ୍ୟ ବିକାଶର ଦୁଇ ପ୍ରମୁଖ ସ୍ତମ୍ଭ ଭାବେ ଦର୍ଶାଇ ସେ ଗ୍ରାମାଞ୍ଚଳର ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଆହ୍ୱାନ ଜଣାଇଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ନିଜ ଅଭିଭାଷଣରେ କହିଛନ୍ତି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହୋମିଓପାଥି ଚିକିତ୍ସା ପଦ୍ଧତି ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ମଧ୍ୟ ଦୀର୍ଘ ସମୟ ଧରି ଏହାକୁ ଉପଯୁକ୍ତ ସ୍ୱୀକୃତି ଓ ସମ୍ମାନ ମିଳିନଥିଲା। ୨୦୧୪ ନଭେମ୍ବର ୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟୁଷ ମନ୍ତ୍ରଣାଳୟ ଗଠନ କରି



ଏହି କ୍ଷେତ୍ରକୁ ସ୍ୱତନ୍ତ୍ର ପରିଚୟ ଓ ଗୁରୁତ୍ୱ ପ୍ରଦାନ କରିଥିଲେ। ଫଳରେ ଭାରତୀୟ ପାରମ୍ପରିକ ଚିକିତ୍ସା ପଦ୍ଧତି ସହ ହୋମିଓପାଥିର ବିକାଶ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଥିଲା।

ଏଲୋପାଥି ଓ ଆୟୁର୍ବେଦ ସହିତ ହୋମିଓପାଥି ଚିକିତ୍ସା ମଧ୍ୟ ଦେଶ ତଥା ଓଡ଼ିଶାରେ ଲୋକପ୍ରିୟତା ହାସଲ କରିଛି । ତେବେ ଏହି ଚିକିତ୍ସା ପଦ୍ଧତିର ଶିକ୍ଷା, ଗବେଷଣା ଓ ଗୁଣାତ୍ମକ ବିକାଶ ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ। ବିଶେଷକରି ଗବେଷଣାର ମାନ, ଚିକିତ୍ସାର ସୁରକ୍ଷା, କ୍ଲିନିକାଲ୍ ଅଧ୍ୟୟନ ଏବଂ ବୈଜ୍ଞାନିକ ପ୍ରମାଣକୁ ସର୍ବାଧିକ ପ୍ରାଧାନ୍ୟ ଦେବା ଉଚିତ ବୋଲି ସେ ମତ ଦେଇଥିଲେ।ଡକ୍ଟର ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶର ଏକ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ଶିକ୍ଷା ଓ ଚିକିତ୍ସା ଅନୁଷ୍ଠାନ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ।ରାଜ୍ୟରେ ହୋମିଓପାଥି ଚିକିତ୍ସାକୁ ଅଧିକ ଲୋକାଭିମୁଖୀ କରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ସେ କହିଥିଲେ। ବର୍ତ୍ତମାନ ଓଡ଼ିଶାରେ ୪ଟି ସରକାରୀ ହୋମିଓପାଥିକ୍ ମେଡିକାଲ କଲେଜ ରହିଛି। ଏହାର ସମ୍ପ୍ରସାରଣ ପାଇଁ ନୂଆପଡ଼ା ଓ ନୟାଗଡ଼ରେ ଆଉ ଦୁଇଟି ନୂତନ ହୋମିଓପାଥିକ୍ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।ସେହିପରି ଢେଙ୍କାନାଳ ଓ ବ୍ରହ୍ମପୁରଠାରେ ୫୦ ଶଯ୍ୟା ବିଶିଷ୍ଟ ଦୁଇଟି ସମନ୍ୱିତ ଆୟୁଷ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଏଠାରେ ରୋଗୀସେବା ଆରମ୍ଭ ହେବ। ଏଥିସହ ବାଲେଶ୍ୱରଠାରେ ଆଉ ଏକ ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଜାରି ରହିଛି।

ଆୟୁର୍ବେଦ ଓ ହୋମିଓପାଥି ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି ଏବଂ ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ମେଡିକାଲ କଲେଜର ପିଜି ଛାତ୍ରଛାତ୍ରୀ ଏବଂ ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଇଛି। ଏଥିସହ ଓଡ଼ିଶା ହୋମିଓପାଥିକ୍ ମେଡିକାଲ ସର୍ଭିସ୍ କ୍ୟାଡର, ଆୟୁର୍ବେଦିକ୍ ମେଡିକାଲ ସର୍ଭିସ୍ କ୍ୟାଡର ଏବଂ ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ ସହିତ ବେତନ ଢାଞ୍ଚାରେ ସଂଶୋଧନ କରାଯାଇଛି। ଚୁକ୍ତିଭିତ୍ତିକ ଅଧ୍ୟାପକ, ରିଡର୍ ଓ ପ୍ରଫେସରମାନଙ୍କ ପାରିଶ୍ରମିକ ମଧ୍ୟ ବୃଦ୍ଧି କରାଯାଇଛି।

ଆୟୁଷ୍ମାନ ଭାରତ ଯୋଜନାର ସଫଳ ରୂପାୟନ ନିମନ୍ତେ ରାଜ୍ୟର ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଉନ୍ନତିକରଣ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ଆୟୁର୍ବେଦିକ୍ ସହିତ ହୋମିଓପାଥିକ୍ ଚିକିତ୍ସା ସେବା ମଧ୍ୟ ଉପଲବ୍ଧ ହେଉଛି।

ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଭିତ୍ତିଭୂମି ଏବଂ ଅଧ୍ୟାପକ ମଣ୍ଡଳୀର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ଏହି ଅନୁଷ୍ଠାନ ହୋମିଓପାଥି ଚିକିତ୍ସା କ୍ଷେତ୍ରରେ ଏକ ଅଗ୍ରଣୀ ପ୍ରତିଷ୍ଠାନ ହୋଇଥିବାରୁ ଏହାର ସାମଗ୍ରିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେବେ ବୋଲି ସେ କହିଥିଲେ।

ସରକାର, ଶିକ୍ଷାନୁଷ୍ଠାନ, ଗବେଷକ ଓ ଚିକିତ୍ସକଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ରହିଲେ ଓଡ଼ିଶାକୁ ଚିକିତ୍ସା ଶିକ୍ଷା, ଗବେଷଣା ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଉଚ୍ଚତାକୁ ନିଆଯାଇପାରିବ। ଜାତୀୟ ବୈଜ୍ଞାନିକ ସମ୍ମିଳନୀ ଆୟୋଜନ ଏକ ଗୌରବର ବିଷୟ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଏହାର ସଫଳ ଆୟୋଜନ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ବିଜ୍ଞାନ ଓ ଗବେଷଣାକୁ ଆଧାର କରି ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ।

ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ପିନ୍ଧିଲେ ଜେନିଫର

ନୂଆଦିଲ୍ଲୀ, ୨୫।୧୧(ମହାଭାରତ): ସମସ୍ତଙ୍କୁ ପଛରେ ପକାଇ ବ୍ରହ୍ମାଣ୍ଡ ସୁନ୍ଦରୀ ବା ମିସ ୟୁନିଭର୍ସ ୨୦୨୬ର ମୁକୁଟ ପିନ୍ଧିଛନ୍ତି ଜେନିଫର ବାରେଟୋ। ପୁଏର୍ଟୋ ରିକୋର ଜେନିଫର ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା ଜିତି ନୂଆ ଇତିହାସ ସୃଷ୍ଟି କରିଛନ୍ତି ।୨୦ ବର୍ଷ ପରେ ପୁଏର୍ଟୋ ରିକୋକୁ ମିସ ୟୁନିଭର୍ସ ଟାଇଟଲ ଫେରିଥିବା ବେଳେ ଜେନିଫର ପ୍ରଥମ ବିବାହିତ ମହିଳା ଭାବେ ଏହି ସୁନ୍ଦରୀ ପ୍ରତିଯୋଗିତାକୁ ଜିତି ପାରିଛନ୍ତି। ତାଙ୍କୁ ମିସ ୟୁନିଭର୍ସର କ୍ରାଉନ ପିନ୍ଧାଇଛନ୍ତି ୨୦୨୫ର ବ୍ରହ୍ମାଣ୍ଡ ସୁନ୍ଦରୀ ମେକ୍ସିକୋର ଫାତିମା ବସ୍।ଜେନିଫର ଟାଇଟଲ ଜିତିଥିବା ବେଳେ ଡୋମିନିକାର ମେଲିସ ନୁନେଜ ପ୍ରଥମର ରନର୍ସ ଅପ ଓ ଭେନେଜୁଏଲରାର କ୍ୟୁରା ଭେଗାସ ଗୁଏଟଜ ଦ୍ୱିତୀୟ ରନର୍ସ ଅପ ହୋଇଛନ୍ତି। ଭାରତର କାଜିଆ ଲିଜ ମିଜୋ ମଧ୍ୟ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। କିନ୍ତୁ ତାଙ୍କୁ ରାଉଣ୍ଡ ଅଫଛ ୧୨ରୁ ବିଦାୟ ନେବାକୁ ପଡ଼ିଥିଲା। ଜେନିଫରଙ୍କ ବିଜୟ ଅତି ସ୍ମରଣୀୟ। କାରଣ ସେ ଅନ୍ତର୍ଜାତୀୟ ସୁନ୍ଦରୀ ପ୍ରତିଯୋଗିତାର ୭୫ତମ ଟାଇଟଲ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ନିଜ ଦେଶରେ ଏଥର ପ୍ରତିଯୋଗିତା ହେଉଥିବା ବେଳେ ଜେନିଫର ବାଜି ମାରି ନେଇଛନ୍ତି। ପ୍ରତିଯୋଗିତାରେ ୧୧୬ ଜଣ ପ୍ରାର୍ଥୀ ଭାଗ ନେଇ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ହେଲେ ଜେନିଫର ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି।ଜେନିଫର ହେଉଛନ୍ତି ଜଣେ କାର୍ଯ୍ୟରତ ମହିଳା ଓ ୭ ବର୍ଷ ଛୁଆର ମା'।



ପରୀକ୍ଷା ସଂସ୍କାର ନେଇ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର, ୨୫।୧୧(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ପରୀକ୍ଷା ସଂସ୍କାର ସମ୍ପର୍କିତ ଉଚ୍ଚ କ୍ଷମତା ସମ୍ପନ୍ନ ଟାସ୍କ ଫୋର୍ସର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି ।

ଏହି ଆଲୋଚନା ସମୟରେ ନିଜର ମତାମତ ରଖି ମୁଖ୍ୟମନ୍ତ୍ରୀ ସମାନ ଯୋଗ୍ୟତା, ବିଷୟ ତଥା ଦାୟିତ୍ୱ ଆବଶ୍ୟକ କରୁଥିବା ବିଭିନ୍ନ ବିଭାଗର ପଦବୀ ଗୁଡ଼ିକରେ ନିଯୁକ୍ତି ପାଇଁ ଗୋଟିଏ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଛନ୍ତି । ଏହା ସହିତ ଏକ ସୁବ୍ୟବସ୍ଥିତ ବାର୍ଷିକ ନିଯୁକ୍ତି ପ୍ରକ୍ରିୟା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ବିଭିନ୍ନ ପରୀକ୍ଷା- ସ୍କୁଲ ବୋର୍ଡ ଠାରୁ ଆରମ୍ଭ କରି ଇଞ୍ଜିନିୟରିଙ୍ଗ୍ ଓ ମେଡିକାଲ ଆଦି ପ୍ରବେଶିକା ପରୀକ୍ଷା ଓ ବିଭିନ୍ନ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାରେ ସଂସ୍କାର ଆଣିବା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚ କ୍ଷମତାସମ୍ପନ୍ନ ଟାସ୍କଫୋର୍ସ ଗଠନ କରିଛନ୍ତି । ଏହି କମିଟି ବିଭିନ୍ନ ରାଜ୍ୟକୁ ଯାଇ ପରୀକ୍ଷା ସମ୍ପର୍କିତ ସଂସ୍କାର ପାଇଁ ପ୍ରସ୍ତାବ ଗ୍ରହଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଟାସ୍କଫୋର୍ସର ପ୍ରତିନିଧିମାନେ ଆଜି ଓଡ଼ିଶା ଆସି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଛନ୍ତି । ଟାସ୍କଫୋର୍ସର ଏହି ସଦସ୍ୟମାନେ ହେଉଛନ୍ତି ତପନ କୁମାର ଡେକା, ଅନୀତା କରୱାଲ, ପ୍ରଫେସର ଭି. କାମକୋଟି ଏବଂ ସାଲିନୀ ମହାଜନ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଏକମାତ୍ର ଲକ୍ଷ୍ୟ ହେଉଛି, ଛାତ୍ର ଓ ଯୁବକମାନଙ୍କ ପାଇଁ ଏକ ନିଷ୍ପକ୍ଷ, ସମୟବଦ୍ଧ ଓ ବିଶ୍ୱସନୀୟ ଚିକ୍ରୁଟମେଂଟ ପ୍ରକ୍ରିୟା ପ୍ରଦାନ କରିବା । ତେଣୁ, ସମସ୍ତ ପରୀକ୍ଷା ଗୁଡ଼ିକୁ ସମୟବଦ୍ଧ ଭାବେ ଏବଂ ସ୍ୱଚ୍ଛତାର ସହିତ ଆୟୋଜିତ କରିବା ଏବଂ ଫଳାଫଳକୁ ତୁରନ୍ତ ଘୋଷଣା କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ୨୦୨୪ ଜୁନ ମାସରେ ଦାୟିତ୍ୱ ଗ୍ରହଣ କରିବା ପର ଠାରୁ ରାଜ୍ୟ ସରକାର ବିଭିନ୍ନ ନିଯୁକ୍ତି ପରୀକ୍ଷା ସ୍ୱଚ୍ଛତାର ସହ ଆୟୋଜିତ କରି ୫୨, ୫୧୪ ଟି ନିଯୁକ୍ତି ପ୍ରଦାନ କରିଛନ୍ତି ।



ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସରଳ କରିବା ପାଇଁ ରାଜ୍ୟ ସରକାର କେତେଗୁଡ଼ିଏ ସଂସ୍କାର ଆଣିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଓଡ଼ିଶା ପବ୍ଲିକ୍ ଏକଜାମିନେସନସ୍ (ପ୍ରିଭେନସନ୍ ଅଫ୍ ଅନଫେୟାର ମିନସ୍) ଆକ୍ଟ, ୨୦୨୪ ଲାଗୁ କରିଛନ୍ତି । ସରକାରୀ ଚାକିରୀରେ ସର୍ବୋଚ୍ଚ ବୟସସୀମାକୁ ୪୨କୁ ବୃଦ୍ଧି କରାଯାଇଛି । ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ଦେବାପାଇଁ ପ୍ରୟାସର ସଂଖ୍ୟାକୁ ଉଠାଇ ଦିଆଯାଇଛି ଏବଂ ୟୁନିଫର୍ମ୍ଡ ସର୍ଭିସ ପାଇଁ ସ୍ୱତନ୍ତ୍ର ଷ୍ଟାଫ୍ ସିଲେକ୍ସନ୍ କମିଶନ କରାଯାଇଛି ବୋଲି ସେ କହିଥିଲେ ।

ଏହାସହିତ ପ୍ରଶାସନିକ ବ୍ୟବସ୍ଥା, ନିୟମ ଓ ପ୍ରକ୍ରିୟାକୁ ଆହୁରି ସରଳ, ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ରାଜ୍ୟ ସରକାର 'କମିଟି ଅନ୍ ଆଡମିନିଷ୍ଟ୍ରେଟିଭ୍ ଆଣ୍ଡ ଗଭର୍ଣ୍ଣାନ୍ସ ରିଫର୍ମ୍ସ' ଗଠନ କରିଛନ୍ତି ବୋଲି ସେ କହିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ମାଶ୍ରୁତ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଏସ୍.ଏନ୍ ଗିରୀଶ୍, ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଡା. ଏନ୍. ତିରୁମାଲା ନାଏକ ପ୍ରମୁଖ ପରୀକ୍ଷା ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରି ଓଡ଼ିଶାର ଅଭିଜ୍ଞତାକୁ ନେଇ ମତାମତ ରଖିଥିଲେ ।

ଶୂନ୍ୟକାଳରେ ଉଠିଲା ନରାଜ ଡାଟା ସେଣ୍ଟର ପ୍ରସଙ୍ଗ

ଭୁବନେଶ୍ୱର, ୨୫।୧୧(ମହାଭାରତ): ଶୂନ୍ୟକାଳରେ ଉଠିଲା ନରାଜ ଡାଟା ସେଣ୍ଟର ପ୍ରସଙ୍ଗ । ଡାଟା ସେଣ୍ଟର ଦ୍ୱାରା ଓଡ଼ିଶା ବ୍ୟାପକ କ୍ଷତି ସହିବାକୁ ଯାଉଛି କହିଲେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ଆଦାନୀ ଡାଟା ସେଣ୍ଟର ପାଇଁ ଏଚଏଲସିଏରେ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର । ଶିଳ୍ପକୁ ସ୍ୱାଗତ କରୁଛୁ । ଏହି ଡାଟା ସେଣ୍ଟର ରାଜ୍ୟକୁ କ୍ଷତି କରିବ, ପୁଞ୍ଜି ବଢ଼ିବାରେ ସାହାଯ୍ୟ କରିବ ନାହିଁ । ନଦୀ



ଜୀବନଚର୍ଯ୍ୟା



ବ୍ରେଡ ମଲାଇ ରୋଲ

ଆବଶ୍ୟକୀୟ ସାମଗ୍ରୀ : ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କି ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ,ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

ପ୍ରସ୍ତୁତ ପ୍ରଣାଳୀ: ଏକ ତାୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରମି, ଏକ ଚାମଚ ଲହୁଣୀ ଦିଅନ୍ତୁ । ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ । ଏବେ ସେଥିରେ କିଛି ମିଲ୍କି ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ । ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ । ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ । ଏବେ ସେଥିରେ ଚିନି ଦିଅନ୍ତୁ । ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ । ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ । ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ । ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ । ଏବେ ଏହି ରୋଲ ଗୁଡିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ । ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ । ଥଣ୍ଡା ହେବା ପରେ ପରଷନ୍ତୁ ।



ଖବର

ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଲା ଓଡ଼ିଆ ଚଳଚ୍ଚିତ୍ର 'ବାଘୁଣୀ'



୫୭ତମ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫଏଫ୍ଆଇ)ର ବିଶ୍ୱ ମଞ୍ଚରେ ଓଡ଼ିଆ ଚଳଚ୍ଚିତ୍ର 'ବାଘୁଣୀ' ଇତିହାସ ରଚିଛି, ଯାହା ପୂର୍ବରୁ କେବେ ଦେଖିବାକୁ ମିଳି ନଥିଲା ତାହା ହିଁ ହୋଇଛି। ପ୍ରଥମଥର ପାଇଁ ଗୋଆର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସମୁଦାୟ ଏବଂ ଉତ୍ସାହୀମାନେ ଏକ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଖୁବ୍ ଉତ୍ସାହ ଦେଖାଇଥିବାବେଳେ ଏହାକୁଅଭୂତପୂର୍ବ ସଫଳତା ମିଳିପାରିଛି। ଜଣାଶୁଣା ଚଳଚିତ୍ର ନିର୍ମାତା ପାର୍ଥ ପଣ୍ଡା ଏହି ଓଡିଆ ଚଳଚ୍ଚିତ୍ରକୁ ଅର୍ନ୍ତଜାତୀୟ ମଞ୍ଚରେ ନୂଆ ପରିଚୟ ପ୍ରଦାନ କରିଛନ୍ତି। ଗୋଆର ସମ୍ମାନଜନକ ଆଇଏଫ୍.ଏଫ୍.ଆଇରେ ପ୍ରଦର୍ଶିତ ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର 'ବାଘୁଣୀ' ନଭେମ୍ବର ୨୨ରେ ପ୍ରଦର୍ଶିତ ହୋଇଥିଲା। ଗୋଆର ଆଇନକ୍ସ ସ୍ଥାନରେ ଶତାଧିକ ଓଡ଼ିଆ ଦର୍ଶକ ଏବଂ ପ୍ରଶଂସକ ସେମାନଙ୍କ ପ୍ରିୟ ଓଡ଼ିଆ ତାରକା ସବ୍ୟସାଚୀ ଏବଂ ଅର୍ଚ୍ଚିତାଙ୍କୁ ଭେଟିବା ଏବଂ ପାରମ୍ପରିକ 'ବାଘ ନାଚ' କଳାକାରଙ୍କ ଏକ ଝଲକ ପାଇବା ପାଇଁ ଆଗ୍ରହୀ ହୋଇପଡିଥିଲେ।ପ୍ରଶଂସକଙ୍କ ବିପୁଳ ଭିଡ଼ ହେତୁ ଚଳଚ୍ଚିତ୍ର ମହୋତ୍ସବ ସ୍ଥଳ ନିକଟରେ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଟ୍ରାଫିକ୍ ଜାମ୍ ହୋଇଥିଲା ଏବଂ ଭିଡ଼କୁ ପରିଚାଳନା କରିବାରେ ସାହାଯ୍ୟ କରିବାକୁ ଅନେକ ଲୋକଙ୍କୁ ସହଯୋଗ ପାଇଁ କୁହାଯାଇଥିଲା।ତଥାପି, ଦର୍ଶକଙ୍କ ଅତୁଟ ଉତ୍ସାହ ଏବଂ ଉଦ୍ଦୀପନା ମଧ୍ୟରେ ଗାଲା ପ୍ରିମିୟର ପାଇଁ ରେଡ୍ କାର୍ପେଟ ୱାକ୍ ଆରମ୍ଭ ହୋଇଥିଲା ।ସାଧାରଣତଃ, କେବଳ ହିନ୍ଦୀ, ତେଲୁଗୁ କିମ୍ବା ତାମିଲ ଚଳଚ୍ଚିତ୍ର ପାଇଁ ଏଭଳି ଅପାର କ୍ରେଜ ଦେଖିବାକୁ ମିଳିଥାଏ।ତଥାପି, ଏକ ଓଡ଼ିଆ ଚଳଚ୍ଚିତ୍ର ଏପରି ଉତ୍ସାହ ସୃଷ୍ଟି କରିବା, ଓଡ଼ିଆ ଦର୍ଶକ ଏବଂ ଓଡ଼ିଆ ଚଳଚ୍ଚିତ୍ରର ପ୍ରଚଳିତ ଧାରଣାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି।

ଏହି ସ୍ଥାନରେ ରଖନ୍ତୁ ଶଙ୍ଖ, ଟଙ୍କାରେ ଭରିଯିବ ଘରି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଶଙ୍ଖ ରହିବା ଶୁଭ ବୋଲି କୁହାଯାଏ। ଏଥିରେ ପରିବାରରେ ଖୁସି ଆସିବା ସହ ଶୁଭ ଖବର ମିଳିଥାଏ । ଶଙ୍ଖକୁ ଠାକୁରଘରେ ରଖିବା ଅଧିକ ଶୁଭ ବୋଲି ସମସ୍ତେ ମାନିଥାନ୍ତି । ଖାଲି ସେତିକି ନୁହେଁ, ଏହା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ । ଘରର ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ପରିବାରର ଆୟ ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ଶଙ୍ଖ ମା ଲକ୍ଷ୍ମୀ ଏବଂ ବିଷ୍ଣୁଙ୍କ ଅତି ପ୍ରିୟ । ଠାକୁର ଘରେ ଶଙ୍ଖ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଖେଳିଥାଏ ଏବଂ ପରିବାରରେ ଶାନ୍ତି ବିରାଜମାନ କରିଥାଏ । ବାସ୍ତୁ ଶାସ୍ତ୍ର ଅନୁସାରେ ଠାକୁରଘରେ ଥିବା ଜଳପାତ୍ର କେବେ ବି ଖାଲି ରଖିବା ଉଚିତ ନୁହେଁ । ଏମିତି ହେବା ଦ୍ୱାରା ନାନା ସମସ୍ୟା ଦେଖାଦେଇଥାଏ । ଏହି ପାତ୍ରରେ ତୁଳସୀ କିମ୍ବା ଗଙ୍ଗାଜଳ ରଖିବା ଉଚିତ।



ରାମାୟଣ : ଭରତଙ୍କ ସ୍ୱପ୍ନ



ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ଭଗବାନ ରାମଚନ୍ଦ୍ର ବନବାସ ଯିବା ସମୟରେ ତାଙ୍କୁ ୨୬ ବର୍ଷ ହୋଇଥିଲା । ରାଜା ଦଶରଥ ଶ୍ରୀରାମଙ୍କୁ ବନବାସ ପଠାଇବାକୁ ଚାହୁଁନଥିଲେ । ମାତ୍ର ସେ ବଚନବଦ୍ଧ ଥିଲେ । ଶ୍ରୀରାମଙ୍କୁ ଅଟକାଇବାର କୌଣସି ଉପାୟ ନପାଇ ଦଶରଥ କହିଥିଲେ ଯେ ମୋତେ ବନ୍ଦୀ କରି ତୁମେ ନିଜେ ରାଜା ହୋଇଯାଅ । ହେଲେ ରାମ ବନବାସ ଚାଲିଗଲେ। ଏହାପରେ ଦଶରଥଙ୍କ ମୃତ୍ୟୁ ଘଟିଲା। ପିତାଙ୍କ ମୃତ୍ୟୁର ଆଭାସ ଭରତ ପୂର୍ବରୁ ସ୍ୱପ୍ନ ମାଧ୍ୟମରେ ଜାଣିପାରିଥିଲେ । ସ୍ୱପ୍ନରେ ସେ ଦଶରଥଙ୍କୁ କଳା ବସ୍ତ୍ର ପରିଧାନ କରିଥିବା ଦେଖିଥିଲେ । ତାଙ୍କ ଉପରେ ହଳଦିଆ ରଙ୍ଗର ସ୍ତ୍ରୀ ଲୋକମାନେ ପ୍ରହାର କରୁଥିଲେ । ଭରତ ସ୍ୱପ୍ନରେ ଦେଖିଲେ ଯେ ରାଜା ଦଶରଥ ଲାଲ୍ ରଙ୍ଗର ଫୁଲ ମାଳପକାଇ ଲାଲ ଚନ୍ଦନ ଲଗାଇ ଗଧ ଟାଣୁଥିବା ରଥରେ ବସି ଦକ୍ଷିଣ ଦିଗ (ଯମଙ୍କ ଦିଗ) ଆଡ଼କୁ ଯାଉଥିଲେ ।

ପିଅନ୍ତୁ ତୁଳସୀ ପାଣି : ମିଳେ ଆଶ୍ଚର୍ଯ୍ୟଜନକ ଲାଭ





ଦିନସାରା କାମବ୍ୟସ୍ତତା ମଧ୍ୟରେ ଶରୀରକୁ ଶକ୍ତିର ଆବଶ୍ୟକତା ରହିଛି। ଏହି କାରଣରୁ ବିଶେଷଜ୍ଞ ସକାଳେ ଖାଲି ପେଟରେ ଏପରି କିଛି ଖାଦ୍ୟପାନୀୟ ସେବନ କରିବା ପାଇଁ ପରାମର୍ଶ ଦେଇଥାଆନ୍ତି , ଯାହା ଶରୀରକୁ ଶକ୍ତି ସହ ପୋଷଣ ପ୍ରଦାନ କରିଥାଏ। ସକାଳେ ଉଠିବା ପରେ ଚ' କିମ୍ବା କଫି ପିଇବା ଅଭ୍ୟାସ ବଦଳାଇ ଦିଅନ୍ତୁ। ବାସ୍ତବରେ ଏପରି କିଛି ସ୍ୱାସ୍ଥ୍ୟକର ପାନୀୟ ରହିଛି, ଯାହାକୁ ଚ' କିମ୍ବା କଫି ବଦଳରେ ପିଇପାରିବେ।ସକାଳେ ଉଠିବା ପରେ ସର୍ବ ପ୍ରଥମେ ଉଷୁମ ପାଣି ପିଇବା ଉଚିତ। କିଛି ଲୋକେ ସକାଳେ ଉଠି ପାଣିରେ ଲେମ୍ବୁ ରସ ଓ ମହୁ ମିଶାଇ ପିଅନ୍ତି। ବାସ୍ତବରେ ନିଜ ଆବଶ୍ୟକତା ଅନୁଯାୟୀ, ସ୍ୱାସ୍ଥ୍ୟକର ପାନୀୟ ନିଜ ଇଚ୍ଛା ଅନୁଯାୟୀ ଚୟନ କରିପାରିବେ। ତେବେ ଏଭଳି କିଛି ସ୍ୱାସ୍ଥ୍ୟକର ପାନୀୟ ବିଷୟରେ ଜାଣନ୍ତୁ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହେବା ସହ ପାଚନକୁ ସୁସ୍ଥ ରଖିଥାଏ। ସେଭଳି ସ୍ୱାସ୍ଥ୍ୟଉପକାରୀ ଏକ ଜିନିଷ ହେଉଛି ତୁଳସୀୟ ଏହାକୁ ତେରମୂଳୀର ରାଣୀ ବୋଲି ମଧ୍ୟ କୁହାଯାଏ। ତୁଳସୀପତ୍ରକୁ ପାଣିରେ ଭିଜାଇ ଏହାର ପାଣି ପିଇବା ଦ୍ୱାରା କୋଷ୍ଠକାଠିନ୍ୟ,ଏସିଡିଟି, ଛାତି ଓ ଗଳାରେ ହେଉଥିବା ଜଳାପୋଡା ସମସ୍ୟାକୁ ଦୂର କରିଥାଏ। ଏହା ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ସେହିପରି ପାନମଧୁରୀକୁ ଅନେକ ଖାଦ୍ୟ ପ୍ରସ୍ତୁତି ସହ ଅନ୍ୟାନ୍ୟ ବହୁ ଜିନିଷ ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହାସହ ଏହାକୁ ପାଣିରେ ବତୁରାଇ ଏହି ପାଣି ମଧ୍ୟ ପିଇପାରିବେ। ସ୍ୱାଦରେ ଏହା ହାଲକା ମିଠାୟ ଏଥିରେ ଆଣ୍ଟି-ଇନଫ୍ଲେମେଟରୀ ଗୁଣ ମଧ୍ୟ ରହିଛି। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ଏସିଡିଟି ସମସ୍ୟା ମଧ୍ୟ ଦୂର କରିଥାଏ। ତୁଳସୀ ମଞ୍ଜି ଓ ପାନମଧୁରୀ କେବଳ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ନିୟମିତ ସକାଳେ ଏହି ଦୁଇଟି ଜିନିଷକୁ ପାଣିକୁ ବତୁରାଇ ପିଇବା ଦ୍ୱାରା କେଶ ଘନ ଓ ମଜଭୂତ ହୋଇଥାଏଯ ତ୍ୱଗରେ ମଧ୍ୟ ଏହାର ଉତ୍ତମ ପ୍ରଭାବ ଦେଖାଯାଏ। ଏକ ଚମଚ ପାନମଧୁରୀ କିମ୍ବା ତୁଳସୀ ମଞ୍ଜି ନିଅନ୍ତୁ। ରାତିରେ ଏହାକୁ ଏକ ଗ୍ଲାସ ପାଣିରେ ମିଶାଇ ରଖନ୍ତୁ। ପରଦିନ ସକାଳେ ଉଠିବା ପରେ ଖାଲି ପେଟରେ ପିଅନ୍ତୁ।

ରାଜାଙ୍କୁ ଦୀର୍ଘଜୀବୀ କଲେ ସୂର୍ଯ୍ୟଦେବ

ବହୁବର୍ଷ ପୂର୍ବେ ଭାରତ ବର୍ଷର ଏକ ରାଜ୍ୟରେ ରାଜା ରାଜ୍ୟବର୍ଦ୍ଧନ ରାଜୁତି କରୁଥିଲେ । ସେ ଅତ୍ୟନ୍ତ ଧର୍ମାତ୍ମା ତଥା ପ୍ରଜା ହିତ୍ୟେଷୀ ରାଜା ଥିଲେ । ଥରେ ରାଣୀ ରାଜାଙ୍କ



ମୁଣ୍ଡରେ ତେଲ ମାଲିସ୍ କରିବା ବେଳେ ଏକ ପାଚିଲା କେଶ ଦେଖିବାକୁ ପାଇଲେ । ରାଣୀଙ୍କ ମନ ଦୁଃଖ ହେଲା । ରାଜା ଏକଥା ଜାଣିବା ପରେ ରାଣୀଙ୍କୁ କହିଲେ, ଏହା ତ' ଜୀବନର ନିୟମ । ଜନ୍ମ ହେଲା ପରେ ଶୈଷବ, ଯୁବାବସ୍ଥା ପରେ ବାର୍ଦ୍ଧକ୍ୟ ଆସିଥାଏ । ଏଥିରେ ଚିନ୍ତା କରିବାର କ'ଣ ଅଛି । ଏହାପରେ ଦିନେ ରାଜା ଘୋଷଣା କଲେ, ମୁଁ ବହୁଦିନ ଧରି ନିଷ୍ଠାର ସହ ରାଜ୍ୟ ପାଳନ କରିଛି । ଏବେ ସମୟ ଆସିଗଲାଣି । ମୋତେ ରାଜ ସିଂହାସନ ଛାଡ଼ି ବନବାସ କରିବାକୁ ହେବ । ରାଜା ରାଜ୍ୟବର୍ଦ୍ଧନଙ୍କୁ ପ୍ରଜାମାନେ ଅତି ଭଲ ପାଉଥିଲେ । ସେମାନେ ତାଙ୍କୁ ଛାଡ଼ିବାକୁ ରାଜି ହେଲେ ନାହିଁ । ଏହି ସମୟରେ ଗନ୍ଧର୍ବ ସୁଦାମାଙ୍କ ପରାମର୍ଶ କ୍ରମେ ରାଜ୍ୟବାସୀ ଭଗବାନ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କଲେ । ସୂର୍ଯ୍ୟଦେବ ପ୍ରସନ୍ନ ହେବାରୁ ରାଜ୍ୟବାସୀ ତାଙ୍କ ଠାରେ ରାଜାଙ୍କ ଦୀର୍ଘ ଜୀବନ କାମନା କଲେ । ସୂର୍ଯ୍ୟଦେବ ତଥାସ୍ତୁ କହିଲେ । ମାତ୍ର ରାଜା ଏକଥା ଜାଣିବା ପରେ କହିଲେ, ସେତେବେଳକୁ ରାଣୀଙ୍କର ମୃତ୍ୟୁ ଘଟିସାରିଥିବ । ବନ୍ଧୁବାନ୍ଧବ, ସଖା ସହୋଦର, ପ୍ରଜା ସମସ୍ତେ ଆରପାରିକୁ ଚାଲିଯାଇଥିବେ । ଏତେଦିନ ବଞ୍ଚି ମୁଁ କ'ଣ କରିବି ? ସେ ପୁଣି ଥରେ ତପସ୍ୟା କରିବାରୁ ସୂର୍ଯ୍ୟଦେବ ପ୍ରସନ୍ନ ହୋଇ ରାଜାଙ୍କ ସମେତ ସମସ୍ତ ପ୍ରଜାଙ୍କୁ ଦୀର୍ଘଜୀବୀ ହେବାର ବରଦାନ ଦେଲେ ।

ନଗରନକ୍ସା
ମହାନଗରର ନିଜ ଭାଷା

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଜ୍ଞା ପ୍ରେରଣା କର୍ମଶାଳା

ଭୁବନେଶ୍ୱର, ୨୫।୧୧ (ମହାଭାରତ): ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ 'ପ୍ରଜ୍ଞା ପ୍ରେରଣା : ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କର୍ମଶାଳା'ର ଦ୍ୱିତୀୟ ସଂସ୍କରଣ ବୁଧବାର ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଦେଶର ବିଶିଷ୍ଟ ଶିକ୍ଷାବିତ୍, ରାଜ୍ୟର ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପିଜି କାଉନସିଲ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇଥିଲେ। ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରଣୟନ, ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଏବଂ ଏକ ଗୁଣାତ୍ମକ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଆବଶ୍ୟକ ରହୁଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଜିର କର୍ମଶାଳାରେ ସବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଜିର 'ପ୍ରଜ୍ଞା ପ୍ରେରଣା' କର୍ମଶାଳାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆମ ସରକାର ଆସିବା ପରେ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦କୁ ପ୍ରଣୟନ କରାଯାଇଛି। ଜାତୀୟ ଶିକ୍ଷା ନୀତି ଆଧାରରେ ସୃଜନକ ପାଠ୍ୟକ୍ରମରେ ମଲ୍ଟିପଲ ଏଂଟ୍ରି ଆଣ୍ଡ ଏକଜିଟ୍ ବ୍ୟବସ୍ଥା ରହିବା ସହ ପାଠ୍ୟକ୍ରମକୁ ମଲ୍ଟି ଡିସିପ୍ଲିନାରୀ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି। ଏଥିସହ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ୧ ଲକ୍ଷ ୬୦ ହଜାର ୭୦୭ ଜଣ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ କରାଯାଇଛି। ଏଥିସହ ଚଳିତ ବର୍ଷ ରାଜ୍ୟରେ ଜ୍ଞାନୋଦୟ- କେଜିରୁ ପିଜି ନିଃଶୁଳ୍କ ଶିକ୍ଷାଦାନ ଯୋଜନା ଲାଗୁ କରାଯାଇଛି। କେଜିରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷାଦାନ ଯୋଜନା ଲାଗୁ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ।



'ଓଡିଶା ଶିକ୍ଷା ନେଟ୍' ଯୋଜନା ମାଧ୍ୟମରେ ରାଜ୍ୟର ସରକାରୀ ଓ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ମାଗଣା ୱାଇଫାଇ ଯୋଗାଇଦେବା ପାଇଁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଛି। ଏଥିନିମନ୍ତେ ଆଗାମୀ ୩ ବର୍ଷ ପାଇଁ ୩୯୩.୬୨ କୋଟି ଟଙ୍କାର ବଜେଟ୍ ପ୍ରାବଧାନ ରହିଛି। ଏହା ମାଧ୍ୟମରେ କଲେଜ କ୍ୟାମ୍ପସରେ ପ୍ରତ୍ୟେକ ଦିନ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ୧ ଜିବି ଡାଟା ଉପଲବ୍ଧ କରାଯିବ। ରାଜ୍ୟରେ ପ୍ରଥମ ଥର ପାଇଁ ରାଜ୍ୟ ସ୍ତରୀୟ ନବ ସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତାର ଆୟୋଜନ କରାଯାଇ ରାଜ୍ୟ ସ୍ତରରେ ଶ୍ରେଷ୍ଠତା ହାସଲ କରିଥିବା ୧୦ ଟି ପ୍ରକଳ୍ପକୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇଛି। ରାଜ୍ୟରେ ଏକ ସମାବେଶୀ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ 'ସମସ୍ତଙ୍କ ପାଇଁ ଶିକ୍ଷା, ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା' ଲକ୍ଷ୍ୟ ନେଇ କାର୍ଯ୍ୟ କରାଯାଉଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ପ୍ରଣୟନ ହେବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ, ଆଧୁନିକ ପାଠ୍ୟକ୍ରମରେ ଭାରତୀୟ ଜ୍ଞାନ ପ୍ରଣାଳୀର ସଂଯୋଗୀକରଣ, ଉଚ୍ଚଶିକ୍ଷାରେ ନବ ସୃଜନ, ଉଚ୍ଚକୋଟୀର ଗବେଷଣା ଆଦି ବିଭିନ୍ନ ବିଷୟବସ୍ତୁକୁ ନେଇ ଶିକ୍ଷାବିତ୍ ମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରଣୟନକୁ ନେଇ ବିଭାଗ ପକ୍ଷରୁ କରାଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟା ଭାରତୀ ଉଚ୍ଚଶିକ୍ଷା ସଂସ୍ଥାନର ସାଙ୍ଗଠନିକ ସମ୍ପାଦକ ଶ୍ରୀ କେ.ଏନ୍. ରଘୁନନ୍ଦନ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଶ୍ରୀ କାଳୀ ପ୍ରସନ୍ନ ମହାପାତ୍ର ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ହିରୋ ଫିନ୍‌କର୍ପ ୨.୩୭ ଲକ୍ଷ ଋଣ ପ୍ରଦାନ

ଭୁବନେଶ୍ୱର, ୨୫।୧୧ (ମହାଭାରତ): ଭାରତର ଅନ୍ୟତମ ବିବିଧକୃତ ଓ ପ୍ରଯୁକ୍ତି-ପରିଚାଳିତ ଏନ୍‌ବିଏଫ୍‌ସି ହିରୋ ଫିନ୍‌କର୍ପ ଲିମିଟେଡ ୨୦୨୬ରେ ସମଗ୍ର ପୂର୍ବ ଭାରତରେ ୨.୩୭ ଲକ୍ଷରୁ ଅଧିକ ଋଣ ପ୍ରଦାନ କରିଛି, ଯାହା ଏହି ଅଞ୍ଚଳରେ କମ୍ପାନୀର ସଂଯୁକ୍ତ ଉପସ୍ଥିତିକୁ ପ୍ରତିଫଳିତ କରୁଛି। ଏହି ଗତିଶୀଳତା ଆଧାରରେ କମ୍ପାନୀ ତାହାର ବିବିଧକୃତ ଋଣ ପ୍ରଦାନ ପୋର୍ଟଫୋଲିଓ, ଆବଦ୍ଧନ ନେଟୱର୍କ ଏବଂ ଏଆଇ-ପରିଚାଳିତ ଋଣ ପରିଶୋଧ ସାମର୍ଥ୍ୟ ସମର୍ଥନରେ ଆଞ୍ଚଳିକ ଋଣ ପ୍ରଦାନ ଆଗାମୀ ଦୁଇଟି ତ୍ରୟମାସିକରେ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀର ପୂର୍ବ ଭାରତରେ ଉପସ୍ଥିତି ବିହାର, ଝାଡଖଣ୍ଡ, ଓଡ଼ିଶା, ପଶ୍ଚିମ ବଙ୍ଗ, ଆସାମ, ତ୍ରିପୁରା, ନାଗାଲାଣ୍ଡ, ମଣିପୁର, ମିଜୋରାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶ ଆଦି ରାଜ୍ୟରେ ପରିବ୍ୟାପ୍ତ ହୋଇଛି। ବିହାର ଓ ଝାଡଖଣ୍ଡରେ ସର୍ବାଧିକ ସଂଖ୍ୟକ ଋଣ ପ୍ରଦାନ କରାଯାଇଥିବାବେଳେ ତାହା ପଛକୁ ଅତି ନିକଟରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ରହିଛନ୍ତି। କ୍ଷୁଦ୍ର ସହର ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଏହାର ଉପସ୍ଥିତି ବୃହତ୍ ସହରାଞ୍ଚଳ ବାହାରେ ଅଭ୍ୟୁଦୟଶୀଳ ପରିବାର ଓ ବ୍ୟବସାୟିକ ବଜାରଗୁଡିକ ନିମନ୍ତେ ଆନୁଷାନିକ ଆର୍ଥିକ ସୁଯୋଗ ସମ୍ପ୍ରସାରିତ କରିବା ନିମନ୍ତେ ହିରୋ ଫିନ୍‌କର୍ପର ଦୃଷ୍ଟିନିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଏନ୍‌ବିଏଫ୍‌ସି ରିଟେଲ, ଏମ୍‌ଏସଏମ୍‌ଇ ଏବଂ କର୍ପୋରେଟ ଋଣ ସମାଧାନଗୁଡିକର ଏକ ପୂର୍ଣ୍ଣାଙ୍ଗ ପୋର୍ଟଫୋଲିଓ ଜରିଆରେ ବହୁବିଧ ଅର୍ଥଲଗାଣ ଆବଶ୍ୟକତା ପୂରଣ କରୁଛି। ଏଗୁଡିକ ମଧ୍ୟରେ ଦୁଇ-ଚକିଆ ଓ ବିଦ୍ୟୁତ ଯାନବାହନଗୁଡିକ ନିମନ୍ତେ ଅର୍ଥ ଯୋଗାଣ, ନୂଆ କାର୍ ଋଣ, ପୁରୁଣା କାର୍ ଋଣ, ବ୍ୟକ୍ତିଗତ (ପର୍ସନାଲ) ଋଣ, ବ୍ୟବସାୟିକ ଋଣ, ସମ୍ପତ୍ତି ବନ୍ଧକ ରଖି ଋଣ ଏବଂ ଯୋଗାଣ-ଶୃଙ୍ଖଳକୁ ଅର୍ଥଲଗାଣ ଆଦି ଅନ୍ତର୍ଭୁକ୍ତ। କମ୍ପାନୀ ମଧ୍ୟ ତାହାର ସହଯୋଗୀ କମ୍ପାନୀ ହିରୋ ହାଉସିଂ ଫାଇନାନ୍ସ ଲିମିଟେଡ ଜରିଆରେ ଗୃହନିର୍ମାଣ ନିମନ୍ତେ ଅର୍ଥ ଯୋଗାଣ ସମାଧାନଗୁଡିକ ଉପଲବ୍ଧ କରାଉଛି।

ଇଣ୍ଟରନ୍ୟାସ୍‌ନାଲ ପରଫରମିଂ ଆର୍ଟସ୍ ଫେଷ୍ଟିଭାଲ

ଭୁବନେଶ୍ୱର, ୨୫।୧୧ (ମହାଭାରତ): ଇଣ୍ଟରନ୍ୟାସ୍‌ନାଲ ପରଫରମିଂ ଆର୍ଟସ୍ ଫେଷ୍ଟିଭାଲ (ଆଇପିଏଏଫ୍) ତାହାର ୫ମ ବର୍ଷ ପୁରୀ ସଂସ୍କରଣ ସମ୍ପର୍କରେ ଆନନ୍ଦର ସହିତ ଘୋଷଣା କରିଛି, ଯାହା ୨୦୨୬ ନଭେମ୍ବର ୨୭ରେ ପୁରୀ ଟାଉନହଲ୍‌ଠାରେ ସଂନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଛି। ଏହି ଉତ୍ସବରେ ପ୍ରସିଦ୍ଧ କଳାକାର, ପୁରସ୍କାର ବିଜେତା ପ୍ରଦର୍ଶନକାରୀ ଏବଂ ସାଂସ୍କୃତିକ ଉତ୍ସାହୀ ଭାରତର ସମୃଦ୍ଧ ଓ ବିବିଧ ପ୍ରଦର୍ଶନ କଳା ପରମ୍ପରା ପ୍ରତି ଉତ୍ସର୍ଗୀକୃତ ସନ୍ଧ୍ୟା ନିମନ୍ତେ ସମବେତ ହେବେ। ଆଇପିଏଏଫ୍ ପ୍ରତିଷ୍ଠିତ ଏବଂ ତତ୍‌ସହିତ ଉଦୀୟମାନ କଳାକାରମାନଙ୍କ ନିମନ୍ତେ ଏକ ମଞ୍ଚ ଯୋଗାଇ ଦେଉଛି ଏବଂ ସେହି ସମୟରେ ସ୍ୱୀକୃତି ଓ ଅଭିବୃଦ୍ଧି ନିମନ୍ତେ ସୁଯୋଗଗୁଡିକ ସୃଷ୍ଟି ଦ୍ୱାରା ଭିନ୍ନକ୍ଷମ କଳାକାର ଓ ବଞ୍ଚିତ ଗୋଷ୍ଠୀଗୁଡିକର ବ୍ୟକ୍ତିବିଶେଷଙ୍କୁ ସକ୍ରିୟ ସମର୍ଥନ ଯୋଗାଇ ଦେଉଛି। ବିଗତ ବର୍ଷଗୁଡିକରେ ଆଇପିଏଏଫ୍ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଗୁଆହାଟୀ, ନାଗପୁର, ଲକ୍ଷ୍ନୌ, ବାରାଣାସୀ, ଶିଲଂ, ରାୟପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ, ଲେହ, ତ୍ରିଭାନ୍ଦ୍ରମ, ଡେରାଡୁନ, ଜମ୍ମୁ, ଜୟପୁର, ବେଙ୍ଗାଲୁରୁ, ହାଇଦରାବାଦ, ପୁରୀ, ଗୋଆ ଏବଂ ଚେନ୍ନଇ ଆଦି ରାଜ୍ୟ ରାଜଧାନୀ ଏବଂ ସାଂସ୍କୃତିକ ଦୃଷ୍ଟିରୁ ସମୃଦ୍ଧ ସହରଗୁଡିକରେ ଉତ୍ସବମାନ ଆୟୋଜନ କରିସାରିଛି। ପଞ୍ଚମ ବର୍ଷ ପୁରୀ ସଂସ୍କରଣରେ ଖ୍ୟାତିସମ୍ପନ୍ନ କଳାକାର ଓ ହୃଦୟସ୍ପର୍ଶୀ ପ୍ରଦର୍ଶନଗୁଡିକ ଦେଖିବାକୁ ମିଳିବ, ଯାହା ଭାରତର ବିବିଧ ଶାସ୍ତ୍ରୀୟ ଓ ଲୋକ କଳା ପ୍ରଦର୍ଶନ ପରମ୍ପରାକୁ ପ୍ରତିନିଧିତ୍ୱ କରୁଛି। ଉସ୍ତାଦ୍ ଜୋହର ଅଲୀ ଖାଁ ଏବଂ ତାଙ୍କ ଗ୍ରୁପ୍ ଦ୍ୱାରା ଏକ ଅନନ୍ୟ ଭାଓଲିନ୍ ବାଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଭାରତୀୟ ଆମ୍‌ବିଭୋର ମୂର୍ଚ୍ଛନା, ସାଂଗୀତିକ ଉତ୍କର୍ଷ ଏବଂ ଦର୍ଶକଙ୍କୁ ବାନ୍ଧି ରଖିବା ଭଳି ଅଭିବ୍ୟକ୍ତି ଜରିଆରେ ଶାସ୍ତ୍ରୀୟ ସଂଗୀତର ସୌନ୍ଦର୍ଯ୍ୟକୁ ପ୍ରଦର୍ଶିତ କରିବ। ବିଶିଷ୍ଟ ଶାସ୍ତ୍ରୀୟ ନୃତ୍ୟପ୍ରବୀଣା ଏବଂ ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ସୁଜାତା ମହାପାତ୍ରଙ୍କ ଦ୍ୱାରା ଏକ ମନୋରମ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଡିଆଇଏଲ୍-ଇଣ୍ଡିଆ ସହ ଓଡ଼ିଶା ସରକାରଙ୍କ ସହଭାଗିତା

ଭୁବନେଶ୍ୱର,୨୫।୧୧ (ମହାଭାରତ): ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟ ଅଧୀନରେ କାର୍ଯ୍ୟରତ ଡେଭଲପମେଂଟ ଇନୋଭେସନ୍ ଲ୍ୟାବ୍–ଇଣ୍ଡିଆ (ଡିଆଇଏଲ-ଇଣ୍ଡିଆ) ସହିତଓଡ଼ିଶା ସରକାର ଦୁଇ ବର୍ଷ ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି।ଭାରତରେ ପଞ୍ଜୀକୃତ ଏହି ଅନୁଷ୍ଠାନ ସହିତ ସହଭାଗିତା ମାଧ୍ୟମରେ 'ବିକଶିତ ଓଡ଼ିଶା ଭିଜନ୍ ୨୦୩୬ ଏବଂ ୨୦୪୭' ଲକ୍ଷ୍ୟ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ପ୍ରାଥମିକତାଗୁଡ଼ିକୁ ସମର୍ଥନ ଯୋଗାଇ ଦିଆଯିବ। ଏଥିସହପ୍ରଭାବଶାଳୀ ନବସୃଜନମୂଳକ ପଦକ୍ଷେପଗୁଡ଼ିକର ଉପଯୋଗିତା ସମ୍ପର୍କରେ ଦୃଢ଼ ପ୍ରମାଣଭିତ୍ତିକ ତଥ୍ୟ ସୃଷ୍ଟି କରିବା ସହ ସେଗୁଡ଼ିକର କାର୍ଯ୍ୟକାରିତା ବ୍ୟାପକ କରିବା ପାଇଁ ଆବଶ୍ୟକ ଅନୁଷ୍ଠାନିକ ବ୍ୟବସ୍ଥାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏହାଫଳରେ ରାଜ୍ୟର ସମସ୍ତ ଅଂଚଳର ଜନସାଧାରଣଙ୍କ ଉପକୃତ ହେବେ। ଏହି ବୁଝାମଣାପତ୍ର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଏବଂ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଏବଂ ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଲେନି ଚୌଧୁରୀଙ୍କ ମଧ୍ୟରେ ସ୍ୱାକ୍ଷର ହୋଇଥିଲା। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେଅନୁଷ୍ଠିତ



ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମ୍ପୃକ୍ତ ବିଭିନ୍ନ ବିଭାଗଗୁଡ଼ିକର ଶାସନ ସଚିବମାନେ ଉପସ୍ଥିତ ଥିଲେ।

ନୋବେଲ ପୁରସ୍କାର ବିଜେତା ପ୍ରଫେସର ଜଗଦୀଶ କୁମାର କହିଛନ୍ତି। କର୍ମଶାଳାରେ ଓଡ଼ିଶାରେ ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତା, ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ, ଆଧୁନିକ ପାଠ୍ୟକ୍ରମରେ ଭାରତୀୟ ଜ୍ଞାନ ପ୍ରଣାଳୀର ସଂଯୋଗୀକରଣ, ଉଚ୍ଚଶିକ୍ଷାରେ ନବ ସୃଜନ, ଉଚ୍ଚକୋଟୀର ଗବେଷଣା ଆଦି ବିଭିନ୍ନ ବିଷୟବସ୍ତୁକୁ ନେଇ ଶିକ୍ଷାବିତ୍ ମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରଣୟନକୁ ନେଇ ବିଭାଗ ପକ୍ଷରୁ କରାଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟା ଭାରତୀ ଉଚ୍ଚଶିକ୍ଷା ସଂସ୍ଥାନର ସାଙ୍ଗଠନିକ ସମ୍ପାଦକ ଶ୍ରୀ କେ.ଏନ୍. ରଘୁନନ୍ଦନ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଶ୍ରୀ କାଳୀ ପ୍ରସନ୍ନ ମହାପାତ୍ର ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଡିଆଇଏଲ୍-ଇଣ୍ଡିଆ ସହ ଓଡ଼ିଶା ସରକାରଙ୍କ ସହଭାଗିତା ମାଇକେଲ୍ କ୍ରେମରଙ୍କ ଦ୍ୱାରା ବିକଶିତ ଅର୍ଥନୀତି ସମ୍ବନ୍ଧୀୟ ବିଭିନ୍ନ ପଦ୍ଧତିର ଉପଯୋଗ କରି ଡିଆଇଏଲ-ଇଣ୍ଡିଆ ଜନସାଧାରଣଙ୍କ ପାଇଁ କଲ୍ୟାଣକାରୀ ହୋଇପାରୁଥିବା ନବସୃଜନମୂଳକ ପଦକ୍ଷେପଗୁଡ଼ିକୁ ଚିହ୍ନଟ, ପରୀକ୍ଷଣ, ପରିମାର୍ଜନ ଏବଂ ବ୍ୟାପକ ସ୍ତରରେ ପ୍ରସାର କରିଥାଏ। ୨୦୨୩ ମସିହାରୁ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ସହିତ ଡିଆଇଏଲ-ଇଣ୍ଡିଆଙ୍କ ବୈଷୟିକ ସହଯୋଗକୁ ଔପଚାରିକ ରୂପ ଦିଆଯାଇଛି।ଏହି ସହଯୋଗର ପ୍ରାରମ୍ଭିକ କାର୍ଯ୍ୟକ୍ଷେତ୍ର ମଧ୍ୟରେ କୃଷକମାନଙ୍କୁ କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ଓ ପରାମର୍ଶର ପ୍ରସାର, ଗ୍ରାମାଂଚଳର ପାଇପ୍ ଜଳ ଯୋଗାଣ ଯୋଜନାରେ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ଏବଂ ବ୍ୟବସ୍ଥିତ ମୂଲ୍ୟାଙ୍କନରୁ ମିଳୁଥିବା ପ୍ରମାଣଭିତ୍ତିକ ତଥ୍ୟ ଆଧାରରେ ନୀତିଗତ ନବସୃଜନ ଓ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରିବା ଅନ୍ତର୍ଭୁକ୍ତ ରହିଛି। ଏହି ସହଭାଗିତାର କାର୍ଯ୍ୟଧାରା ଯୋଜନା ଓ ସଂଯୋଜନ ବିଭାଗର ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ପରିଚାଳନା କମିଟି ଦ୍ୱାରା ନିର୍ଦ୍ଦେଶିତ ହେବ। ଏହି କମିଟିରେ ସମ୍ପୃକ୍ତ ବିଭାଗଗୁଡ଼ିକର ବରିଷ୍ଠ ସରକାରୀ ଅଧିକାରୀ ଏବଂ ଡିଆଇଏଲ-ଇଣ୍ଡିଆ ର ବରିଷ୍ଠ ପ୍ରତିନିଧିମାନେ ସଦସ୍ୟ ଭାବେ ରହିବେ।ଏହି କମିଟି ବର୍ଷକୁ ଦୁଇଥର ବୈଠକ କରି ଧାର୍ଯ୍ୟ ଲକ୍ଷ୍ୟ ଓ କାର୍ଯ୍ୟଫଳର ଅଗ୍ରଗତି ସମୀକ୍ଷା କରିବା ସହ କାର୍ଯ୍ୟକାରିତା ଏବଂ ମୂଲ୍ୟାଙ୍କନ କାର୍ଯ୍ୟକ୍ରମଗୁଡ଼ିକର ସ୍ଥିତି ଓ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିବ।

ଟିଟିଲାଗଡ଼ଠାରେ ପ୍ରତିଷ୍ଠା ହେବ ନୂତନ ଗ୍ରିଡ୍ ସବ୍-ଷ୍ଟେସନ

ଭୁବନେଶ୍ୱର, ୨୫।୧୧ (ମହାଭାରତ): ପଶ୍ଚିମ ଓଡ଼ିଶାରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବିଦ୍ୟୁତ୍ ଚାହିଦା ପୂରଣ କରିବା ଏବଂ ଭବିଷ୍ୟତ ପାଇଁ ପାୱାର ଗ୍ରିଡ୍ କୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଟିଟିଲାଗଡ଼ଠାରେ ଏକ ଅତ୍ୟାଧୁନିକ ୪୦୦/୨୨୦/୩୩ କେ.ଭି. ଗ୍ରିଡ୍ ସବ୍-ଷ୍ଟେସନ ପ୍ରତିଷ୍ଠା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଆଂଚଳିକ ଅତି ଉଚ୍ଚକ୍ଷମତା ସମ୍ପନ୍ନ ଭୋଲଟେଜ୍ ଭିତିଭୂମିର ଏକ ପ୍ରମୁଖ ସ୍ତମ୍ଭ ଭାବେ ପରିକଳ୍ପିତ ଏହି ପ୍ରକଳ୍ପ ବିଦ୍ୟୁତ୍ ସରବରାହର ନିର୍ଭରଯୋଗ୍ୟତାକୁ ବହୁଗୁଣିତ କରିବା ସହ ବୈଷୟିକ କ୍ଷତି ହ୍ରାସ କରିବ ଏବଂ ଦୀର୍ଘକାଳୀନ ଶିଳ୍ପ, ବାଣିଜ୍ୟିକ ଓ ଘରୋଇ ଅଭିବୃଦ୍ଧିରେ ସହାୟକ ହେବ। ବଲାଙ୍ଗିର କମାଣ୍ଡ ଅଂଚଳରେ ବିଦ୍ୟୁତ୍ ଚାହିଦା ପ୍ରାୟ ୬୦୦ ମେଗାୱାଟ୍ ରେ ପହଂଚିଥିବାରୁ ବର୍ତମାନର ଗ୍ରିଡ୍ ବ୍ୟବସ୍ଥା ଉପରେ ନିରନ୍ତର ଚାପ ରହୁଛି। ଟିଟିଲାଗଡ଼ଠାରେ ନିର୍ମାଣ ହେବାକୁ ଥିବା ଏହି ନୂତନ ଗ୍ରିଡ୍ ସବ୍-ଷ୍ଟେସନ ବର୍ତମାନର ୪୦୦/୨୨୦ କେ.ଭି. ବଲାଙ୍ଗିର ଗ୍ରିଡ୍ ସବ୍-ଷ୍ଟେସନ



ଉପରୁ ଅତ୍ୟଧିକ ନିର୍ଭରଶୀଳତା କମାଇବା ସହିତ କଟାପାଲି–ବଲାଙ୍ଗିର–କେସିଙ୍গା ଟ୍ରାନ୍ସମିଶନ କରିଡରରେ ହେଉଥିବା ଅତ୍ୟଧିକ ଭାର ଏବଂ ପରିଚାଳନାଗତ ପ୍ରତିବନ୍ଧକକୁ ଦୂର କରି ଏହି ଚାପକୁ ସିଧାସଳଖ ହ୍ରାସ କରିବ। ଟ୍ରାନ୍ସମିଶନ କରିଡରର ଚାପ ହ୍ରାସ କରିବା ବ୍ୟତୀତ, ଏହି ପ୍ରକଳ୍ପ ବିତରଣ ସ୍ତରରେ ବିଦ୍ୟୁତ୍ ଗୁଣବତାରେ ତତ୍କାଳ ସୁଧାର ଆଣିବ। ଟିଟିଲାଗଡ଼ଠାରେ ସିଧାସଳଖ ଏକ ସୁଦୃଢ଼ ୩୩ କେ.ଭି. ଉତ୍ସ ପ୍ରତିଷ୍ଠା ଦ୍ୱାରା ନିକଟସ୍ଥ ୩୩/୧୧ କେ.ଭି. ପ୍ରାଥମିକ ସବ୍-ଷ୍ଟେସନ ଗୁଡ଼ିକୁ ନିରବଚ

ନେତୃତ୍ୱ ନେବାର କୌଶଳ

ଛାତ୍ର ଜୀବନରୁ ନେତୃତ୍ୱ ନେବାର କଳା କୌଶଳ ଶିଖିବା ଉଚିତ। କିନ୍ତୁ ନେତାମାନେ ଅନ୍ୟମାନଙ୍କୁ ପ୍ରଭାବିତ ନକରନ୍ତୁ। ନେତୃତ୍ୱର ଅର୍ଥ ନୁହେଁ ଯେ, କେବଳ ଆନ୍ଦୋଳନ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିତର୍କ କରିବା ହେଉଛି ସବୁଠାରୁ ଶ୍ରେଷ୍ଠ ନେତୃତ୍ୱର ପରିପ୍ରକାଶ। ନଚେତ ସେମାନେ ଭବିଷ୍ୟତରେ ସଂସଦ ବା ବିଧାନସଭାରେ ବିତର୍କରେ ଭାଗ ନେଇ ପାରିବେ ନାହିଁ ଏବଂ ଗଣତନ୍ତ୍ର ଦୁର୍ବଳ ହୋଇଯିବ। ଛାତ୍ରଜୀବନ ହେଉଛି ଶିକ୍ଷା ଏବଂ ତାଲିମର ସମୟ। ଜଣେ ବ୍ୟକ୍ତିର ଜୀବନ କାଳ ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ ସମୟ। ଏହାର ଦୁରୂପଯୋଗ କରାଯିବା ଅନୁଚିତ। ଏହା ହେଉଛି ଶିଖିବାର ସମୟ। ଏହାକୁ ହାତଛଡ଼ା କଲେ ଆଉ ସେ ସୁଯୋଗ ମିଳିନପାରେ। ତେଣୁ ଜଣେ ଛାତ୍ର ତାର ସମସ୍ତ ସମୟ କେବଳ ଶିଖିବାରେ ବା ତାଲିମ ନେବାରେ ଅତିବାହିତ କରିବା ଉଚିତ। ଏହା ସହିତ ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଯଥାସମ୍ଭବ କରିବା ଉଚିତ। କିନ୍ତୁ ମୂଳ ଲକ୍ଷ୍ୟ ହେଉଛି ଶିକ୍ଷା ଗ୍ରହଣ କରିବା। ଏହି ଶିକ୍ଷା ହିଁ ଭବିଷ୍ୟତରେ ନିଜର ପରିବାର ବା ଦେଶ ଗଠନରେ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଯେଉଁମାନେ ଛାତ୍ର ଜୀବନରେ ଯେତିକି ଅଧ୍ୟବସାୟୀ ହୋଇଥାଆନ୍ତି ସେମାନେ ପରିବର୍ତ୍ତୀ ସମୟରେ ସେତିକି ସଫଳ ହୋଇଥାଆନ୍ତି। କହିବା ବାହୁଲ୍ୟ ଯେ, ସବୁ ଛାତ୍ର ଯୁବକ ନୁହଁନ୍ତି ବା ସବୁ ଯୁବକ ଛାତ୍ର ନୁହଁନ୍ତି। ଛାତ୍ର କହିଲେ କେବଳ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ପଢୁଥିବା ବ୍ୟକ୍ତି ନୁହଁନ୍ତି। ଛାତ୍ର ଶବ୍ଦର ସଂଜ୍ଞା ଅତି ବ୍ୟାପକ। ଜଣେ ୧୫ବର୍ଷର କିଶୋର ଯଦି ସାଇକେଲ ମରାମତି ଶିଖୁଛି, ଜଣେ ଦର୍ଜୀ କାମ ଶିଖୁଛି, ଜଣେ ନିଜକୁ ଖେଳାଳୀ ଭାବେ ପ୍ରତିଷ୍ଠା କରୁଛି ଏବଂ ନିୟମିତ ତାଲିମ ଗ୍ରହଣ କରୁଛି ସେ ମଧ୍ୟ ଜଣେ ଛାତ୍ର। ଜଣେ ଆଦର୍ଶର ଛାତ୍ରର ଲକ୍ଷଣ ହେଲା ଯେ ନିଜର ସବୁ କିଛି ବାଜି ଲଗାଇ ଶିକ୍ଷାଗ୍ରହଣ କରୁଛି। ଭବିଷ୍ୟତରେ ଏହା ତାର ପରିବାର ପ୍ରତିପୋଷଣ ମାଧ୍ୟମ ହୋଇପାରେ। ଏହା ତାକୁ ସାରା ବିଶ୍ୱରେ ପରିଚିତ କରାଇପାରେ। ଯିଏ ଯାହା ଶିଖୁଛି ସେଥିରେ ଶ୍ରେଷ୍ଠତା ହାସଲ କରିବାକୁ ପ୍ରୟାସ କରିବା ଉଚିତ। ଏହା ତାର ପ୍ରାଥମିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। କେବଳ ଜଣେ ନିଜର ପେଷା ଲାଗି ଶିକ୍ଷା ଗ୍ରହଣ କରିବାକୁ ନୁହେଁ, ଜ୍ଞାନ ଆହରଣ ଲାଗି ପାଇଁ ମଧ୍ୟ ଶିକ୍ଷା ଗ୍ରହଣ କରାଯାଇପାରେ। ପାରମ୍ପରିକ ଶିକ୍ଷା ସହିତ ଜଣେ ଛାତ୍ରକୁ ତା'ର ଶିକ୍ଷକ, ଗୁରୁଜନ ଏବଂ ପରିବାର ସଦସ୍ୟମାନେ ନୈତିକ ଶିକ୍ଷା ମଧ୍ୟ ଦେବା ଉଚିତ। ଏବେ ଦେଶରେ ଆନ୍ଦୋଳନରେ ମାତିଥିବା ଯୁବ ବର୍ଗ ବା ଜେନ-ଜିଙ୍କୁ ଅନେକ ପ୍ରଶଂସା ଏବଂ ସ୍ୱାଗତ କରୁଛନ୍ତି। ଯାହା ହେଉ ଯୁବ ଗୋଷ୍ଠୀ ସଚେତନ ହେଉଛନ୍ତି, ସେମାନେ ପ୍ରତିବାଦର ସ୍ୱର ଉଠାଉଛନ୍ତି ଏଥିରେ ଅନେକ ଅଶ୍ୱସ୍ତ। ଅନେକ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ବିଶେଷ କରି ରାଜନୈତିକ ଦଳମାନେ ଯୁବକ, ଛାତ୍ରମାନଙ୍କୁ ଜେନ ଜୀରେ ସାମିଲ ହେବାକୁ ପ୍ରଶଂସା ଏବଂ ପ୍ରରୋଚିତ କରୁଛନ୍ତି। ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାରେ ସେମାନେ ଉଲ୍ଲସିତ। ଏଭଳି ଆନ୍ଦୋଳନ ହେଲେ ସରକାର ବଦଳିଯିବ ବୋଲି ସେମାନେ ଆଶା ରଖୁଛନ୍ତି। ସେମାନେ ନିଜ ରାଜନୈତିକ ଇଚ୍ଛାକୁ ଚରିତାର୍ଥ କରିବା ନିମନ୍ତେ ଛାତ୍ରମାନଙ୍କୁ ଆନ୍ଦୋଳନ କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ଏକ ବିପଜ୍ଜନକ ପ୍ରକ୍ରିୟା। ଦେଶରେ ଅରାଜକତା ସୃଷ୍ଟି ଲାଗି ଏକ ଉଦ୍ୟମ ହେଉଛି। ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା, ଅନ୍ୟାୟର ପ୍ରତିବାଦ କରିବାର ଯଥାର୍ଥତା ରହିଛି ଚିନ୍ତୁ ଏଥିରେ ଛାତ୍ରମାନଙ୍କୁ କାହିଁକି ବଳି ପକାଯାଉଛି ? ସେମାନଙ୍କର ପ୍ରଥମ କାର୍ଯ୍ୟ ହେଲା ଶିକ୍ଷା ଗ୍ରହଣ କରିବା। ମହାତ୍ମା ଗାନ୍ଧି ଛାତ୍ରଜୀବନରେ ଆନ୍ଦୋଳନ କ'ଣ ଜାଣିନଥିଲେ। ୩୦ ବର୍ଷ ପରେ ସେ ରାଜନୈତିକ ଜୀବନ ଆରମ୍ଭ କଲେ। ଯେଉଁମାନେ ଭବିଷ୍ୟତରେ ରାଜନୀତି କରିବାର ଲକ୍ଷ୍ୟ ରଖିଛନ୍ତି, ସେମାନେ ଛାତ୍ରଜୀବନରୁ ଏଥିଲାଗି ତାଲିମ ନେବା ଉଚିତ। ଏହାର ଯଥାର୍ଥତା ରହିଛି।

> *ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ।*

ନିଜ ଦୋଷ ଖୋଜ

॥ ଇଂ. ସଚ୍ଚିଦାନନ୍ଦ ନନ୍ଦ ॥

କେତେକ ଲୋକ ଅନ୍ୟମାନଙ୍କର ଛୋଟ ଛୋଟ ଭୁଲକୁ ଗର୍ହିତ ଦୋଷ ମନେକରନ୍ତି କିନ୍ତୁ ନିଜ ଠାରେ ଥିବା ଜଘନ୍ୟ ଭୁଲକୁ ଦେଖିପାରନ୍ତି ନାହିଁ। ଏହା ଏକ ଗୁରୁତର ତ୍ରୁଟି। ସଠିକ୍ ପଦ୍ଧତି ହେଉଛି ନିଜର ଛୋଟ ଛୋଟ ଦୋଷକୁ ବଡ଼ ଭୁଲଭାବେ ଦେଖ ଓ ଅନ୍ୟର ବଡ଼ ଭୁଲଗୁଡ଼ିକୁ ନଗଣ୍ୟ ମନେକର। ଏହାଦ୍ୱାରା ତୁମେ ନିଜ ଭୁଲଗୁଡ଼ିକୁ ସଜାଡ଼ି ପାରିବ'' ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସନ୍ଦେଶରେ ଆମ ସମସ୍ତଙ୍କୁ ଆଧ୍ୟାତ୍ମିକ ସୂଚନା ପ୍ରଦାନ କରିଛନ୍ତି ଯେ ଏହି ମନୋବୃତ୍ତି ସାହାଯ୍ୟରେ ତୁମେ ଈଶ୍ୱରୋପଲବ୍ଧି ହାସଲ କରିପାରିବ। ମାନବୀୟ ପ୍ରେମ ସ୍ୱାର୍ଥପୂର୍ଣ୍ଣ, ଦୈବୀପ୍ରେମ, ସ୍ୱାର୍ଥଶୂନ୍ୟ ଓ ଆଧ୍ୟାତ୍ମିକ। ତାଙ୍କ ପ୍ରେମ ନିର୍ମଳ ପ୍ରେମ। ଭଗବାନଙ୍କୁ ଚିରନ୍ତନ, ଅମୃତମୟ, ବିମଳ, ନିର୍ମଳ ବୋଲି ବର୍ଣ୍ଣନା କରାଯାଇଛି। ଭଗବତ ପ୍ରେମ ଆସ୍ୱାଦନ କରିବାକୁ ହେଲେ ତୁମକୁ ସ୍ୱାର୍ଥଭାବ ଭଳି ସଂକୀର୍ଣ୍ଣ ଭାବ ବର୍ଜନ କରି ପ୍ରେମଭାବ ସଂପ୍ରସାରଣ କରିବାକୁ ହେବ। ନବ ବିବାହିତ ଦମ୍ପତ୍ତିଙ୍କ ମଧ୍ୟରେ ଥିବା ପ୍ରେମଭାବ ଦିନକୁ ଦିନ କିଭଳି ହ୍ରାସ ପାଉଥାଏ ତାହାର ଏକ ଉଦାହରଣ ଦେଖାଯାଉ। ସ୍ୱାମୀ ସ୍ତ୍ରୀ ରାସ୍ତାରେ ଯାଉଥିବା ବେଳେ ଆଗରେ ପଡ଼ିଥିବା କଣ୍ଟାଟିଏ ଆଖିରେ ପଡ଼ିଗଲେ, ସ୍ୱାମୀଙ୍କର କି ବ୍ୟସ୍ତତା ଦେଖାନଯାଏ ? ବିବ୍ରତ ହୋଇପଡ଼ି ସ୍ୱାମୀ ସ୍ତ୍ରୀକୁ ଗୋଟିଏ ପାଖକୁ ଟାଣିନିଏ, ଯେପରି ସ୍ତ୍ରୀ ପାଦ କଣ୍ଟା ମାଡ଼ି ନପକାଉ। କିଛିବର୍ଷ ଅନ୍ତରରେ ପୁନର୍ବାର ଅନୁରୂପ ପରିସ୍ଥିତିରେ ସ୍ୱାମୀ କହିବ, 'କଣ୍ଟା ପଡ଼ିଛି, କ'ଣ ଆଖିକୁ ଦିଶୁନି ?' ସାଂସାରିକ ପ୍ରେମ ଏହିଭଳି ଭାବେ ତା'ର ମାତ୍ରା ହରାଉଥିବା ବେଳେ ଦିବ୍ୟପ୍ରେମ ସବୁଦିନ ସ୍ଥିର ଓ ଗଭୀର ରହିଥାଏ। ଦିବ୍ୟପ୍ରେମର ମହତ୍ୱ ଲୋକେ ବୁଝିପାରନ୍ତି ନାହିଁ। ସେମାନେ ସେ ପ୍ରେମକୁ କଦର୍ଥ କରି ଭଗବାନଙ୍କୁ ନିନ୍ଦା କରିବା ପର୍ଯ୍ୟନ୍ତ ଯାଇପାରନ୍ତି, ଯେତେବେଳେ ତାଙ୍କ ନୀଚ କାମନା ଗୁଡ଼ିକ ପୂରଣ ନହୁଏ। କେତେକ ମୋକ୍ଷ ଚାହୁଁଥାନ୍ତି। ମୋକ୍ଷ କ'ଣ ? କାମନାରୁ ମୁକ୍ତି ପାଇବା ହିଁ ମୋକ୍ଷ। କେତେକ ଭଗବାନଙ୍କୁ ଦର୍ଶନ କରିବାକୁ ଚାହାନ୍ତି। ଏଥିପାଇଁ ଆବଶ୍ୟକୀୟ ବିଶ୍ୱାସ ଓ ଭାବ ତୁମେ ହୃଦୟରେ ପୋଷଣ କରିବା ଉଚିତ ନୁହେଁ କି ?

ଅନେକଙ୍କ ଭିତରେ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ ଦିବ୍ୟପ୍ରେମ ଲାଭ କରିବା ପାଇଁ ଆମ ମାନଙ୍କର ଆବଶ୍ୟକତା କ'ଣ ଓ ତାତ୍ପର୍ଯ୍ୟ କ'ଣ ? ବଡ଼ ସୁନ୍ଦର ଭାବରେ ଭଗବାନ ବାବା କହିଛନ୍ତି ଯେ ଭକ୍ତି ଓ ବିଶ୍ୱାସ ନଥିଲେ ତୁମେ ତାଙ୍କ ସହିତ ବସବାସ କଲେ ମଧ୍ୟ ତାଙ୍କୁ ଦେଖିପାରିବ ନାହିଁ, ପଦ୍ମଫୁଲ ପାଖରେ ଥିବା ବେଙ୍ଗ ପଦ୍ମ ଭିତରେ ଥିବା ମଧୁ ବିଷୟରେ ଅବହିତ ନହେବା ସଦୃଶ। କିନ୍ତୁ କାହିଁ କେତେ ଦୂରରୁ ମଧୁମକ୍ଷିକା ମାନେ ପଦ୍ମଫୁଲ ପାଖକୁ ଆସି ମଧୁ ଆସ୍ୱାଦନ କଲାଭଳି ଦୂର ବିଦେଶରୁ ଲୋକମାନେ ଆସି ଭଗବାନଙ୍କ ସୁମିଷ୍ଟ ମଧୁରତା ପ୍ରାପ୍ତ ହୋଇପାରୁଛନ୍ତି, ଅଥଚ ପାଖରେଥିବା ଲୋକେ ସେଥିରୁ ବଞ୍ଚିତ। ଦିବ୍ୟ ସାନ୍ନିଧ୍ୟ ମଣିଷକୁ ମଧ୍ୟ ଦୈବୀସ୍ତରକୁ ଉତଥିତ କରିଦେଇପାରେ। ଏହାକୁ ବୁଝିନପାରି ଅନେକ ଲୋକ ତାଙ୍କ ଜୀବନକୁ ବ୍ୟର୍ଥ କରି ଦେଉଛନ୍ତି। ପ୍ରତ୍ୟେକଙ୍କ ଠାରେ ପ୍ରେମଭାବ ବିଦ୍ୟମାନ, କିନ୍ତୁ ତାହା ସ୍ୱାର୍ଥଭାବ ପ୍ରଣୋଦିତ ହୋଇପଡ଼ିବାରୁ ଆସକ୍ତିରେ ପରିଣତ ହୋଇଯାଉଛି। ଦୈବୀପ୍ରେମର ଅନୁଭୂତି ପାଇଁ ଆଶାୟୀ ହୁଅ। ଆଧୁନିକ ଯୁବକମାନେ ପ୍ରେମର ସ୍ୱଭାବ ବିଷୟରେ ଅବଗତ ହେବା ଦରକାର। ବିଦେଶାଗତ ଅନେକ ଯୁବକ ଯୁବତୀ ପରସ୍ପରକୁ ପୁରୁଷ ବନ୍ଧୁ, ମହିଳାବନ୍ଧୁ କହି ଅବାଧ ମିଳାମିଶା କରୁଛନ୍ତି। ଯଦି ପ୍ରକୃତରେ ପରସ୍ପରକୁ ଭଲ ପାଉଥାଅ, ତେବେ ବିବାହ କରିନିଅ, ବନ୍ଧୁ ହିସାବରେ କାହିଁକି ? କିଛି ବର୍ଷ ପୂର୍ବେ ବିଦେଶାଗତ ଯୁବକଟିଏ ଏଠାରେ ଗଛତଳେ ମନ ଦୁଃଖରେ ବସିଥାଏ। ତାକୁ ଅତି ବେଶୀରେ ୧୯ହେବ। ପଚାରିବାରୁ ସେ କହିଲା, ତା'ର ଦ୍ୱିତୀୟ ସ୍ତ୍ରୀ ତାକୁ ଛାଡ଼ି ପଳାଇଛି ଏବଂ ତା'ଗର୍ଭର ସନ୍ତାନଟି ପାଇଁ ସେ ବ୍ୟସ୍ତ। ଏହି ବୟସରେ ସେ ଯଦି ଏତେ ବିବ୍ରତ, ବୟସ୍କ ହୋଇଗଲେ ତା'ଅବସ୍ଥା କ'ଣ ହେବ ଅନୁମାନ କର। କୋଡିଏ ବର୍ଷ ନ ହେଉଣୁ କେତେକ ଲୋକ ବିବାହ କରି ପକାଉଛନ୍ତି, ତା'ପରେ ଛାଡ଼ପତ୍ର, ପୁନର୍ବିବାହ, ପୁନର୍ବିଚ୍ଛେଦ, ସ୍ତ୍ରୀ ଓ ସନ୍ତାନଙ୍କ ପାଇଁ ବ୍ୟତିବ୍ୟସ୍ତ। ସେମାନେ ମାନବଜୀବନର ମୂଲ୍ୟ ବିଷୟରେ ଅଜ୍ଞ। ମାନବ ଜୀବନ କେତେ ଦୁର୍ଲଭ ଓ କେତେ ପବିତ୍ର ସେ ଧାରଣା ସେମାନଙ୍କର ନାହିଁ। ଉପନିଷଦ କହନ୍ତି ମାନବ ଜନ୍ମ ଅତି ଦୁର୍ଲଭ ଜନ୍ମ। ମାନବ ଜୀବନ ଅତି ମହାନ ଓ ଶକ୍ତିଶାଳୀ। ତାକୁ ମା+ନବ କୁହାଯାଏ କାରଣ ସେ ନୂଆ ନୁହେଁ ବରଂ ଶାଶ୍ୱତ। ଶରୀର ନୂତନ ରୂପ ଗ୍ରହଣ କରୁଥାଏ, ଆତ୍ମା ନୁହେଁ। ଭଗବାନ ହିଁ ଅପରିବର୍ତ୍ତନୟ ସତ୍ୟ।

ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ। ତୁମର ଏହି ଭୌତିକ ଶରୀର ଦ୍ୱାରା ଭଗବାନଙ୍କ ପରିକଳ୍ପନା କରିବା ତୁମ ସାମର୍ଥ୍ୟ ବାହାରେ। ତୁମ ଭାବନାଗୁଡ଼ିକ ବାହ୍ୟ ଜଗତର ପ୍ରତିଫଳନ, ପ୍ରତିଧ୍ୱନୀ ଓ ପ୍ରତିକ୍ରିୟା। ଭଗବାନଙ୍କର କୌଣସି ପ୍ରତିକ୍ରିୟା ନଥାଏ। ତାଙ୍କ ପାଖରେ ଗୋଟିଏ କଥା ଅଛି, ତାହା ପରମ ସତ୍ୟ। ତୁମକୁ ସେହି ଆଦର୍ଶଦ୍ୱୟ ଗ୍ରହଣ କରିବାକୁ ହେବ। ସତ କଥା କହ, ଧର୍ମ ଆଚରଣ କର। ଭଗବାନ ଅପରିବର୍ତ୍ତନୀୟ ସତ୍ତା କିନ୍ତୁ ଏହାକୁ କେହି ବୁଝୁନାହାନ୍ତି। ଧର୍ମ ମାର୍ଗରେ ଚାଲି ନୈତିକତା ଓ ଏକତା ରକ୍ଷା କରିପାରିଲେ ତୁମେ ଏହା ବୁଝିପାରିବ। ମଣିଷ ଟଙ୍କା ପଇସାର କ୍ରୀତଦାସ ହୋଇପଡ଼ିଲାଣି। ସେ ଭଗବାନଙ୍କୁ ଭୁଲିଯାଇପାରେ କିନ୍ତୁ ଟଙ୍କା ପଇସାକୁ ଭୁଲି ପାରିବ ନାହିଁ। ସୁଖରେ ନିଦ୍ରାଯିବା ପାଇଁ ତୁମେ ନିଜ ପାଇଁ ବାତାନୁକୂଳ ଯନ୍ତ୍ର, କୋମଳ ଶଯ୍ୟା, ପଙ୍ଖା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରିଥାଅ। ତଥାପି ସୁନିଦ୍ରା ହୁଏନାହିଁ, କାହିଁକି ? ସୁନିଦ୍ରା ପାଇଁ ମାନସିକ ଶାନ୍ତି ଆବଶ୍ୟକ। ତୁମ ଦେହ, ମନ, ଚିତ୍ତ ଓ ଅହଂକାର ଭଳି ଅନ୍ତରିନ୍ଦ୍ରିୟଗୁଡ଼ିକ ବାହ୍ୟ ଅଙ୍ଗପ୍ରତ୍ୟଙ୍ଗ ସହିତ ଶାନ୍ତି ଅଭିମୁଖୀ ହେବା ଦରକାର। ଯେଉଁ ଦିବ୍ୟପ୍ରେମ ନିଃସ୍ୱାର୍ଥ, ଯାହା କେବଳ ଦେଇ ଜାଣେ ଓ ପ୍ରତିଦାନରେ କିଛି ଆଶା କରେନାହିଁ, ସେହି ଭାବର ଅଭିବୃଦ୍ଧି କରାଇଲେ ଯାଇ ତୁମେ ଶାନ୍ତି ହାସଲ କରିପାରିବ। ସାଂସାରିକ ପ୍ରେମ କେବଳ ପାଇବାକୁ ଚାହେଁ ଓ ପାଇସାରି ତାକୁ ଭୁଲିଯିବାକୁ ଚାହେଁ। ନିକଟ ଲୋକଙ୍କୁ ଆଘାତ ଦେବା ଭଗବାନଙ୍କୁ ଆଘାତ ଦେବା ସହ ସମାନ। ଦିବ୍ୟପ୍ରେମର ସମକକ୍ଷ ଅନ୍ୟକିଛି ବି ହୋଇନପାରେ। ଏହା ସର୍ବୋଚ୍ଚ। ସଂସାରର କ୍ଷୁଦ୍ର କ୍ଷୁଦ୍ର କଥା ତୁମେ ଭଗବାନଙ୍କୁ ମାଗିଥାଅ। ତୁମ ପାଖରେ ଯାହା ନାହିଁ ସେଭଳି କିଛି ତାଙ୍କୁ ପ୍ରାର୍ଥନା କର। ତୁମ ପାଖରେ ନିଃସ୍ୱାର୍ଥ ପ୍ରେମ ନାହିଁ, ତାହା ତାଙ୍କ ପାଖରେ ପ୍ରଚୁର ପରିମାଣରେ ଅଛି, କେବଳ ତାହାକୁ ହିଁ ମାଗ। ଭଗବାନ ଆନନ୍ଦର ପ୍ରତିମୂର୍ତ୍ତି। ସେହି ଆନନ୍ଦ, ପ୍ରେମ ଓ ଶାନ୍ତି ଯାଚାଞ୍ଚା କର। ସାଂସାରିକ ସୁଖ ଓ ଦୈବୀ ଆନନ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବାକୁ ଚେଷ୍ଟା କର। ଆଜିକାଲି ଲୋକେ ଅନେକ ତୁଚ୍ଛବସ୍ତୁ ଭଗବାନଙ୍କୁ ମାଗୁଛନ୍ତି। ତୁମପାଇଁ କ'ଣ ଶ୍ରେୟସ୍କର ତାହା ଭଗବାନ ଜାଣନ୍ତି ଏବଂ ଦେଇଥାନ୍ତି। ସେ ସମସ୍ତ ଭାବନା, ବଚନ ଓ କର୍ମର ସାକ୍ଷୀ ପୁରୁଷ, ତେଣୁ ଅକୁଣ୍ଠିତ ଚିତ୍ତରେ, ହୃଦୟର ସହିତ ତାଙ୍କ ପାଖରେ ସମର୍ପିତ ହୋଇ ଏକ ଆଦର୍ଶ ଜୀବନଯାପନ କର। ତୁମେମାନେ ମଧ୍ୟ ଦେବତ୍ତ୍ୱର ମୂର୍ତ୍ତିମନ୍ତ ରୂପ। ତେଣୁ ତୁମେ ସମସ୍ତଙ୍କୁ ଭଲପାଇବା ଦରକାର, କାହାରିକୁ ଆଘାତ କରିବା ଉଚିତ ନୁହେଁ। ଯଦି କାହାକୁ ବି ଆଘାତ କରୁଥାଅ ତାହା ଭଗବାନଙ୍କୁ ଆଘାତ କରିବା ସହ ସମାନ।

ସତ୍ଚ ପୁରୁଷ ଜନ୍ ସମସ୍ତଙ୍କୁ ନିଜର ଭାଇଭଳି ଭାବୁଥିଲେ। କୌଣସି ଏକ ଘଟଣାରେ ସେ ଜଣକୁ ଦଣ୍ଡ ଦେଇଥିଲେ। ଯୀଶୁ ସ୍ୱପ୍ନରେ ଆବିର୍ଭାବ ହୋଇ ତାଙ୍କୁ ପଚାରିଲେ, 'ତୁ ଭାବୁଛୁ ତୁ ତାକୁ ଦଣ୍ଡ ଦେଇଛୁ ବୋଲି, ନା ତୁ ମୋତେ ଦଣ୍ଡ ଦେଇଛୁ।' ଏଥିରୁ ତୁମେ ବୁଝିବା ଦରକାର ଯେ ନିଜ ଲୋକଙ୍କ କ୍ଷତି କରିବା ଭଗବାନଙ୍କୁ କଷ୍ଟ ଦେବା ସଙ୍ଗେ ସମାନ। ତୁମେ ସମତା ଅଭ୍ୟାସ କରିବା ଦରକାର। ଭଜନ ଓ ଧ୍ୟାନ ପ୍ରଭୃତି ମନକୁ ପବିତ୍ର କରିବାର ଉପାୟ। 'ଚିତ୍ତସ୍ୟ ଶୁଦ୍ଧୟେ କର୍ମଣେ।' ଯେଉଁ ପ୍ରେମ ତୁମର ପ୍ରାଣବାୟୁ ତାହାକୁ କର୍ଷଣ କର। ବୃକ୍ଷଟି ସବୁଜ ପତ୍ର, ଡାଳ, ଫଳରେ ପରିପୂର୍ଣ୍ଣ ଥିଲାବେଳେ ତୁମେ ତାହା ପ୍ରତି ଆକର୍ଷିତ ହୋଇଥାଅ। ସେ ସବୁ ଯେତେବେଳେ ଶୁଖିଯାଏ ତୁମେ ତାକୁ କାଟି ପକାଅ କାରଣ ବର୍ତ୍ତମାନ ସେଥିରେ ଜୀବନ ନାହିଁ। ପ୍ରେମଶୂନ୍ୟ ବ୍ୟକ୍ତି ମୃତ ବୃକ୍ଷ ସହ ସମାନ। କୋଇଲାକୁ ଆଞ୍ଚ କରିବା ପାଇଁ ନିଆଁ ଯେପରି ଅତ୍ୟାବଶ୍ୟକ ସେହିପରି ମଣିଷ ପାଇଁ ପ୍ରେମ ନିତାନ୍ତ ପ୍ରୟୋଜନ। ଦିବ୍ୟପ୍ରେମ ଉପରେ ମନକୁ ପର୍ଯ୍ୟବସିତ କରି ନିଜକୁ ଦୁର୍ବଳତାରୁ ମୁକ୍ତ କର, କାରଣ ଦିବ୍ୟକୃପା ପ୍ରଚଣ୍ଡ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ସମସ୍ତ ବସ୍ତୁ ମିଳିପାରେ, ଚାଲିଯାଇପାରେ କିନ୍ତୁ ଦିବ୍ୟକୃପା ଚିରସ୍ରୋତା। ତୁମେ ଅନ୍ୟକିଛି କର ନକର ଦିବ୍ୟପ୍ରେମ ବିକାଶ କର। ଭଗବାନ ନିର୍ଦ୍ଦେଶକ, ମଣିଷ ଅଭିନେତା ମାତ୍ର।

ଦୀକ୍ଷା

॥ ଉମେଶ ଚନ୍ଦ୍ର ପାତ୍ର ॥

ଦୀକ୍ଷା ନେବା ଅର୍ଥ ଦକ୍ଷତା ଲାଭର କୌଶଳ ଜାଣିବା। ସେହି କୌଶଳ ଜାଣିନେଇ ତଦନୁଯାୟୀ ଅନୁଶୀଳନ କରିବାକୁ ହୁଏ। ଆଶୀର୍ବାଦ ଅର୍ଥ ଅନୁଶାସନବାଦ। ଅନୁଶାସନକୁ ମାନିଲେ ହିଁ ଆଶୀର୍ବାଦ ମିଳେ। ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗର ପ୍ରଧାନ ଜଗକରଣ ହେଲା ପ୍ରବୃତ୍ତି। ପୁଣି ପ୍ରଧାନ ଅନ୍ତରାୟ ହେଲା ମଧ୍ୟ ପ୍ରବୃତ୍ତି। ପ୍ରବୃତ୍ତିଗୁଡ଼ିକ ସୁଖ ସ୍ୱାଚ୍ଛନ୍ଦ୍ୟ ଲାଭର ଅନ୍ତରାୟ ନହୋଇ କିପରି ଭାବରେ ସହାୟକ ହୁଏ ତା'ର କୌଶଳ ସଦ୍‌ଗୁରୁଙ୍କ ପାଖରୁ ଜଣାଯାଏ। ଅସ୍ତିତ୍ୱର ଧାରଣ, ପୋଷଣ ଓ ରକ୍ଷଣର କୌଶଳ ଯିଏ ଜାଣନ୍ତି ସେ ହିଁ ସଦ୍‌ଗୁରୁ। ତେଣୁ ଦୀକ୍ଷା ନେବା ଆବଶ୍ୟକ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ପାଖରୁ - ଯିଏ ଆଚରଣ କରି ଜାଣିଛନ୍ତି। ଦୀକ୍ଷା ମାନେ ହିଁ ଦକ୍ଷତାର ଅନୁଶୀଳନ, ଯାହାଙ୍କୁ କରୁ ସନିତୋମୁଖୀ ଦକ୍ଷତା ସ୍ୱତଃ ହିଁ ବୃଦ୍ଧିପାଏ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଦୀ'। କହିଲେ ମୁ



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଗୁରବାର, ୨୬ ନଭେମ୍ବର, ୨୦୨୬

ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବ୍ୟବସ୍ଥା କମ, ଅବ୍ୟବସ୍ଥା ବେଶି



ନିଆଳୀ, (ମହାଭାରତ): ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପାଇଁ ବିଭିନ୍ନ ବ୍ଲକ ଏବଂ ସଦର ମହକୁମାରେ ଯୋଗ୍ୟ ହୀତାଧିକାରିମାନକୁ ଭତ୍ତା ବଣ୍ଟନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି କିନ୍ତୁ କଟକ ଜିଲ୍ଲା ନିଆଳୀ ବ୍ଲକ ରେ କିଛି ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ମୁତାବକ ନିଆଳୀ ବ୍ଲକ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ ପାଇଁ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥିଭାବେ ସା°ସଦ ବିଭୂପ୍ରସାଦ ତରାଇ ଓ ନିଆଳୀ ବିଧାୟକ ଛବି ମଲ୍ଲିକ ନିଆଳୀ ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ବିଡିଓ ଅକ୍ଷୟ କୁମାର ପରିଡା, ତହସିଲଦାର ତାରେଣୀ ରଞ୍ଜନ ରାୟ, ସାଂସଦ ଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି ଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ନିଆଳୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଏକାଧିକ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ। ଭତ୍ତା ବଣ୍ଟନ ରେ ସହଯୋଗ କରିଥିଲେ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେଉରା। ଭତ୍ତା ବଣ୍ଟନ ସମୟରେ ନିଆଳୀ ବ୍ଲକର ବହୁ ଦଳୀୟ କର୍ମୀ ମଞ୍ଚ ସାମ୍ନାରେ ଚେୟାର ପକାଇ ବସିବା ଯୋଗୁଁ ଭତ୍ତା ବଣ୍ଟନ ପାଇଁ ଆସିଥିବା ବହୁ ବୃଦ୍ଧ,ବୃଦ୍ଧା, ଦିବ୍ୟାଙ୍ଗ ୪ ଶହ ରୁ ୫ଶହ ଟଙ୍କା ଖର୍ଚ୍ଚ କରି ୧୫ - ୨୦ କିଲୋମିଟର ଦୂରରୁ ଆସି ବସିବା ପାଇଁ ଚ୍ୟାର ଟିଏ ନପାଇ ପାଇଖାନା ଟାଙ୍କି ଉପରେ ହେଉ କିମ୍ବା ଭଙ୍ଗା କାନ୍ଥ ଉପରେ, ଆଉ କିଏ ତଳେ ବସିବା ଦେଖିବାକୁ ମିଳିଥିଲା। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସମ୍ପୂର୍ଣ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ଶତାଧିକ କର୍ମୀ ମାନେ ବ୍ଲକ ପରିସର କୁ କାହିଁକି ଆସିଥିଲେ କିଏ ତାଙ୍କୁ ନିମନ୍ତ୍ରଣ କରିଥିଲା। ନା ବିନା ନିମନ୍ତ୍ରଣ ରେ ଆସିଥିଲା। ଏଥିପାଇଁ ଏହି କାର୍ଯ୍ୟକ୍ରମ ରେ ବ୍ଲକ ପ୍ରଶାସନ ପକ୍ଷରୁ ଯେଉଁ କାର୍ଯ୍ୟକ୍ରମ କରାଯାଇଥିଲା ତାହା ସମ୍ପୂର୍ଣ ଅବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା। କେତେକ ବୃଦ୍ଧବୃଦ୍ଧା ଚେୟାର ନ ପାଇ ତଳେ ବସିଥିବା ନଜରକୁ ଆସିଥିଲା। ସେହିପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିବା ସୂଚନା ମିଳିଛି। ଖାଦ୍ୟ ବଣ୍ଟନ ସମୟରେ ମଧ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଦଳୀୟ କର୍ମୀମାନେ ଖାଦ୍ୟ ଖାଇଦେବାରୁ ଅନେକ ବୃଦ୍ଧବୃଦ୍ଧା ଖାଦ୍ୟ ନ ଖାଇ ଫେରିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନିଆଳୀ ବ୍ଲକର ୨୩ଟି ପଞ୍ଚାୟତର ୩୦୭୨ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି।କିଛି ହିତାଧିକାରୀ ଭତ୍ତା ନେଇଥିବା ବେଳେ ଅନେକ ହିତାଧିକାରୀ ଭତ୍ତା ନ ନେଇ ଫେରିଯାଇଛନ୍ତି। ପୁନର୍ବାର ଫେରିଯାଇଥିବା ହିତାଧିକାରୀ ମାନେ ଭତ୍ତା ନେବାପାଇଁ ଗୁରୁବାର ଦିନ ବ୍ଲକ କାର୍ଯ୍ୟାଳୟ କୁ ଆସିବେ ବୋଲି ବିଡ଼ିଓ ଅକ୍ଷୟ କୁମାର ପରିଡା ସୂଚନା ଦେଇଛନ୍ତି। ଗାଡି ଭତ୍ତା ଆମର ଦୁଇଦିନ ରେ ଯେତିକି ଭତ୍ତା ଆମର ସେତିକି ବୋଲି କେତେକ ହିତାଧିକାରୀ କହିଛନ୍ତି। ବହୁ ପ୍ରଭାବଶାଳୀ ବ୍ୟକ୍ତି ଭତ୍ତା ନେଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେଉରା ଙ୍କୁ ପଚାରିବାରୁ ଚଞ୍ଚକତା କରି ନେଇଥିବା କେତେଜଣ ହିତାଧିକାରୀ ଙ୍କ ଭତ୍ତା କଟା ହୋଇଛି ଓ ଅନ୍ୟମାନଙ୍କର କଟାଯିବ ବୋଲି ସୂଚନା ଦେଇଛନ୍ତି।

କୋଠି ପଞ୍ଚାୟତରେ ୩୦ ଜଣ ବୃଦ୍ଧବୃଦ୍ଧାଙ୍କୁ ମଧୁବାବୁ ପେନସନ୍ ବଣ୍ଟନ



ପାରାଦୀପ, (ମହାଭାରତ): ପାରାଦୀପ ସ୍ଥିତ କୋଠିଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମଧୁବାବୁ ପେନସନ୍ ଯୋଜନାରେ ୩୦ ଜଣ ବୃଦ୍ଧବୃଦ୍ଧା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏହି ଅବସରରେ ହିତାଧିକାରୀମାନେ ପେନସନ୍ ରାଶି ପାଇଥିବାରୁ ଖୁସିବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ଗଡ଼ ମଣ୍ଡଳର ସାଧାରଣ ସମ୍ପାଦକ ବାବୁରଞ୍ଜନ ପ୍ରଧାନ, କୋଠି ଗ୍ରାମ ପଞ୍ଚାୟତର ଯୁବନେତା ନଗେନ୍ଦ୍ର ତରାଇ, ବରିଷ୍ଠ ଶିକ୍ଷାବିତ୍ ହରେକୃଷ୍ଣ ନାୟକ, କୋଠି ପଞ୍ଚାୟତର ଏଡିଇଓ ବିକ୍ରମ ବଲ୍ଲଭ ରାଉତ ଏବଂ ୨୦୪ ନମ୍ବର ବୁଥ୍ ସଭାପତି ସରୋଜ ଚନ୍ଦ୍ର ଦାସ ଉପସ୍ଥିତ ରହିଥିଲେ। ବୃଦ୍ଧବୃଦ୍ଧାଙ୍କୁ ଆର୍ଥିକ ସହାୟତା ଯୋଗାଇବା ଏବଂ ସେମାନଙ୍କ ଦୈନନ୍ଦିନ ଜୀବନରେ ସହାୟକ ହେବା ଦିଗରେ ଏହି ପେନସନ୍ ଯୋଜନାର ଗୁରୁତ୍ୱ ରହିଛି। ପଞ୍ଚାୟତ କାର୍ଯ୍ୟାଳୟରେ ଏଭଳି ଭତ୍ତା ବଣ୍ଟନ ଦ୍ୱାରା ହିତାଧିକାରୀମାନେ ସୁବିଧାରେ ସରକାରୀ ସହାୟତା ପାଇପାରୁଛନ୍ତି।

ବିଶ୍ୱାଳିରେ ୧୪ତମ କାର୍ତ୍ତିକେଶ୍ୱର ପୂଜା ଯୁବକଙ୍କ ସମାଜସେବାକୁ ଅତିଥିଙ୍କ ପ୍ରଶଂସା



ପାରାଦୀପ, (ମହାଭାରତ): ପାରାଦୀପ ସ୍ଥିତ ବିଶ୍ୱାଳି ଗ୍ରାମର ୧ ନମ୍ବର ୱାର୍ଡରେ ବାବା ବାଲୁଙ୍କେଶ୍ୱର ୟୁଥ୍ କ୍ଲବ୍ ପକ୍ଷରୁ ୧୪ତମ କାର୍ତ୍ତିକେଶ୍ୱର ପୂଜା ମହାଆଡ଼ମ୍ବରରେ ପାଳିତ ହେଉଛି। ଏହି ଅବସରରେ ସକାଳେ ଭୂତମୁଣ୍ଡାଇ ମହାନଦୀ ତଟରୁ ଏକ ଭବ୍ୟ ୧୦୮ କଳସ ଶୋଭାଯାତ୍ରା ବାହାରିଥିଲା। ବାଜା, ବାଣ ଓ ରୋଷଣୀର ତାଳେ ତାଳେ ମହିଳା ଓ ଶ୍ରଦ୍ଧାଳୁମାନେ କଳସ ଧାରଣ କରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଫଳରେ ସମଗ୍ର ଅଞ୍ଚଳ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶରେ ମୁଖରିତ ହୋଇଉଠିଥିଲା।

ସନ୍ଧ୍ୟାରେ ଆୟୋଜିତ ଭଜନ ସନ୍ଧ୍ୟାରେ ଭକ୍ତିମୟ ପରିବେଶ ସହ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥୀ ଓ ଯୁବ ସାମ୍ବାଦିକ ସତ୍ୟଶିବ ପରିଡ଼ା ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ୍ ?ର ଯୁବକମାନେ କେବଳ ଧାର୍ମିକ ଉତ୍ସବ ଆୟୋଜନରେ ସୀମିତ ନରହି ପୋଖରୀ ସଫେଇ, ରାସ୍ତାଘାଟ ପରିଷ୍କାର ଓ ବୃକ୍ଷରୋପଣ ଭଳି ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିବା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯୁବଶକ୍ତିର ଏଭଳି ସାମାଜିକ ଦାୟିତ୍ୱବୋଧ ଓ ଗ୍ରାମର ବିକାଶ ପ୍ରତି ଆଗ୍ରହ ଅନ୍ୟ ଯୁବକମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ସେମାନେ କହିଥିଲେ। ଉତ୍ସବରେ ୧ ନମ୍ବର ୱାର୍ଡର ମୁରବି, ଗ୍ରାମବାସୀ ଓ କ୍ଲବ୍ ?ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଶେଷରେ କ୍ଲବ୍ର ସଦସ୍ୟ ପିନାକୀ ଲେଙ୍କା ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ପାରାଦ୍ୱୀପରେ ଦୁଇଦିନିଆ ମିଳିତ ସମରାଭ୍ୟାସ ସି-ଭିଜିଲ ଆରମ୍ଭ



ପାରାଦ୍ୱୀପ, (ମହାଭାରତ): ପାରାଦ୍ୱୀପରେ ଦୁଇଦିନିଆ ମିଳିତ ସମରାଭ୍ୟାସ ସି-ଭିଜିଲ ଆରମ୍ଭ ହୋଇଛି। ସାରା ଭାରତରେ ଥିବା ଉପକୂଳବର୍ତ୍ତୀ ଅଞ୍ଚଳରେ ଚାଲିଛି ଏହି ସମରାଭ୍ୟାସ। ଜଳପଥ ଦେଇ ଅନୁପ୍ରବେଶ କୁ ରୋକିବା ପାଇଁ ପ୍ରତ୍ୟେକ ବର୍ଷ ଦୁଇଥର ମିଳିତ ସମରାଭ୍ୟାସ ସାଗର କବଚ କରାଯାଉଥିବା ବେଳେ ପ୍ରତି ଦୁଇବର୍ଷରେ ଥରେ ମିଳିତ ସମରାଭ୍ୟାସ ସି-ଭିଜିଲ କରାଯାଉଛି। ଗଭୀର ସମୁଦ୍ରରେ ରେ ପଇଁତରା ମାରୁଛି ନ୍ୟାଭି ଓ କୋଷ୍ଟଗାର୍ଡ ଜାହାଜ ଓ ଏୟାରକ୍ରାଫ୍ଟ। ପାରାଦ୍ୱୀପ ରେ ସାମିଲ ହୋଇଛନ୍ତି ଓଡ଼ିଶା ପୋଲିସ, ସାମୁଦ୍ରିକ ପୋଲିସ, ବନବିଭାଗ, ଓଡ୍ରାଫ, ଅଗ୍ନିଶମ, ମତ୍ସ୍ୟ ବିଭାଗ, ପାରାଦ୍ୱୀପ ବନ୍ଦର, ଇଣ୍ଟେଲିଜେନ୍ସ, କଷ୍ଟମ୍ସ ପ୍ରଭୃତି ୧୫ ରୁ ଉର୍ଦ୍ଧ୍ୱ ବିଭାଗ। ସମସ୍ତ ବିଭାଗର ଅଧିକାରୀ ମାନଙ୍କୁ ନେଇ ରେଡ୍ ଓ ବ୍ଲୁ,ଦୁଇଟି ଟିମ୍ ଗଠନ କରାଯାଇଥିବା ବେଳେ ରେଡ୍ ଟିମ୍ ର ସଦସ୍ୟ ମାନେ ଜଳପଥ ଦେଇ ସ୍ଥଳଭାଗରେ ପ୍ରବେଶ କରିବା ସହିତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ନକଲି ବୋମା ଓ ବନ୍ଧୁକ ରଖିବା ପାଇଁ ପ୍ରୟାସ କରିବେ ଏବଂ ବ୍ଲୁ ଟିମ୍ ସେମାନଙ୍କୁ ଧରିବା ପାଇଁ ପ୍ରୟାସ କରିବେ । ତେବେ ବର୍ତ୍ତମାନ ସୁଦ୍ଧା ରେଟ୍ ଟିମ୍ ର ୫ ଜଣ ଅଧିକାରୀ ଙ୍କୁ ଧରିବାରେ ସଫଳ ହୋଇଛି ବ୍ଲୁ ଟିମ୍। ପାରାଦ୍ୱୀପ ର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା କୁ କଡାକଡି କରାଯାଇଛି। ଆସନ୍ତା କାଲି ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ ଏହି ମିଳିତ ସମରାଭ୍ୟାସ ସି-ଭିଜିଲ।

ଷଣ୍ଢକୁଦ ମାଉସୀ ମା ମନ୍ଦିରରେ ସପ୍ତାହ ବ୍ୟାପି କାର୍ତ୍ତିକେଶ୍ୱର ପୂଜା

ପାରାଦୀପ, (ମହାଭାରତ) : ପାରାଦୀପ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢକୁଦ ମାଉସୀ ମା ମନ୍ଦିର ଠାରେ ମଙ୍ଗଳବାର ଠାରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି । ଏହି ପୂଜା ସପ୍ତାହବ୍ୟାପି ସମାରୋହରେ ପାଳନ କରାଯିବ । ବାବା ଆଖଣ୍ଡଳମଣି ବଜାର କମିଟି ପକ୍ଷରୁ ୨୦୧୦ ମସିହାରୁ ଏଠାରେ କାର୍ତ୍ତିକେଶ୍ୱର ପୂଜା ଆୟୋଜିତ ହୋଇଆସୁଛି । ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୁତି ଦିଆଯିବା ସହିତ ହଜାର ହଜାର ବ୍ୟବସାୟୀ ଙ୍କ ପରିବାର ଲୋକଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥାଏ । ଏହି ପୂଜାରେ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ ଏବଂ ଦଶମୀରେ କଳସ ଯାତ୍ରା ହୋଇ ପୂଜା ଆରମ୍ଭ ହୋଇଥିବା ବେଳେ ଏକାଦଶୀ ତିଥିରେ ଯଜ୍ଞ ପାଇଁ ବିଜୁ ମଇଦାନ ନିକଟ ସମୁଦ୍ର ରୁ କଳସ ଶୋଭାଯାତ୍ରା ସଂଘର କର୍ମକର୍ତ୍ତା, ସଦସ୍ୟ ଓ ମହିଳା ମାନଙ୍କୁ ନେଇ କରାଯାଇଥିଲା । ସୂର୍ଯ୍ୟ ପୂଜା ଓ ଅଗ୍ନି ସ୍ଥାପନ ଆଦି କରାଯାଇ ପୂଜାର୍ଚ୍ଚନା ଚାଲିବ । ପୂଜାକୁ ସରସ ସୁନ୍ଦର କରାଯିବା ସହ ଆଗନ୍ତୁକ ଭକ୍ତମାନଙ୍କୁ ପୂଜାରେ ଅଂଶଗ୍ରହଣ କରିବା ପାଇଁ ସଙ୍ଘ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟକ ଦିନ ସନ୍ଧ୍ୟାରେ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ପରେ ଭଜନ ସମାରୋହ ୭ ଦିନ ଯାକ ଚାଲିବ । ପୁରୋହିତ ଙ୍କ କହିବା ଅନୁଯାୟୀ ଏହି ଯଜ୍ଞ ଉତ୍ସବରେ ନାନାଦି ଦେବତା ଯଥା ଶିବ ପାର୍ବତୀ ତାଙ୍କ ସହିତ ବିଘ୍ନ ବିନାଶକ ଗଣେଶ ଓ ଲକ୍ଷ୍ମୀ ନାରାୟଣ ଏବଂ ନବଗ୍ରହ ପୂଜା ପାଇବେ। ତେବେ ବାବା ଆଖଣ୍ଡଳମଣି ବଜାର କମିଟି ର ସଭାପତି ଦୀପକ ବେହେରାଙ୍କ ଅଧକ୍ଷତାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଥିବା ବେଳେ ବଜାର ପୂଜା କମିଟିର ସମ୍ପାଦକ ଦୀପ୍ତି ରଞ୍ଜନ ସାହୁ, ସମ୍ପାଦକ ବିଧାନ ସାମନ୍ତ ଙ୍କ ସହିତ ବଟକୃଷ୍ଣ ଦାସ, ବାବାଜୀ ସାହୁ, ହୃଷୀକେଶ ଦାସ, ଅଜୟ ସାହୁ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଙ୍କ ପୂର୍ଣ୍ଣ ସହଯୋଗରେ ଉକ୍ତ ପୂଜା କାର୍ଯ୍ୟକ୍ରମ ସଫଳତାର ସହ ଆଗେଇ ଚାଲିଥିବା ନେଇ ସୂଚନା ଦେଇଛନ୍ତି ସଭାପତି ଶ୍ରୀ ବେହେରା ।



ବିଦ୍ୟୁତ୍ ଆଘାତରେ ୨୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ

ଧୂଷୁରୀ, (ମହାଭାରତ): ଧାମନଗର ବ୍ଲକ୍ ରଇପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଙ୍କସାହି ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ୨୨ ବର୍ଷୀୟ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ହେଲେ ସଂଗ୍ରାମକେଶରୀ ଭାରତୀଙ୍କ ଏକମାତ୍ର ପୁତ୍ର ସତ୍ୟଜିତ ଭାରତୀ।

ସୂଚନା ଅନୁଯାୟୀ, ସତ୍ୟଜିତ ଗତକାଲି ନିଜ ଘରେ ପ୍ୟାଣ୍ଟ ଓ ସାର୍ଟ ଇସ୍ତ୍ରୀ କରୁଥିବା ସମୟରେ ଅସାବଧାନତାବଶତଃ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଧୂଷୁରୀ ପୋଲିସ ୩୭/୨୬ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି । ଏକମାତ୍ର ପୁତ୍ରଙ୍କ ଏଭଳି ଅକାଳ ବିୟୋଗରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବାବେଳେ ସମଗ୍ର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି । ଏହି ଦୁଃଖଦ ଖବର ପାଇ ସମାଜସେବୀ ଡାକ୍ତର ସଞ୍ଜୟ ଦାସଙ୍କ ସହ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ଗଭୀର ସମବେଦନା ଜଣାଇଥିଲି ।

ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଚାଉଳକୁ ନେଇ କେଁ



ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଥିବା ବିଦ୍ୟାଳୟରେ ମଧ୍ୟାହ୍ନ ଚାଉଳ ଯୋଗାଣକୁ ନେଇ କେଁ ଦେଖାଦେଇଛି ।୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ଅବସ୍ଥା ବିଗିଡିବାକୁ ବସିଥିବା ବେଳେ ଶିକ୍ଷା ବିଭାଗ ନିଘୋଡ଼ ନିଦ୍ରାରେ ଥିବା ଜଣାପଡ଼ିଛି ।ଏବେ ଧାର କରଜରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଚାଲିଥିବା କିଛି ଶିକ୍ଷକ ପ୍ରକାଶ କରିଛନ୍ତି ।ସୂଚନା ଅନୁଯାୟୀ ଓଡ଼ଗାଁର ୧୩୪ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିବାକୁ ରାଜ୍ୟସରକାର କଡ଼ା ନିର୍ଦ୍ଦେଶନାମା ଜାରିକରିଛନ୍ତି ।କିନ୍ତୁ ତଳସ୍ତରରେ ଏହାକୁ ଖାମଖିଆଲ ଭାବେ ଗ୍ରହଣ କରାଯାଉଛି । ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଆନ୍ତୁ କି ନାହିଁ ଶିକ୍ଷା ବିଭାଗର ବଡ଼ବଡ଼ ଅଧିକାରୀଙ୍କୁ କିଛି ବି ଫରକ ପଡୁନି। ଏବେ ୫୦ରୁ ଉର୍ଦ୍ଧ୍ୱ ସ୍କୁଲରେ ମଧ୍ୟାହ୍ନ ଭୋଜନ ଚାଉଳ ସଂକଟ ଦେଖାଦେଇଛି ।କିଛିମାସ ତଳେ ଓଡ଼ଗାଁ ମଧ୍ୟାହ୍ନ ଭୋଜନ ଦାୟୀତ୍ୱରେ ଥିବା ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ଅକାଳ ମୃତ୍ୟୁପରେ ସମସ୍ୟା ବଢିଯାଇଛି। ସ୍କୁଲକୁ ଚାଉଳ ମିଳୁକି ନମିଳୁ କେହି ଏଥିରେ ହସ୍ତକ୍ଷେପ କରୁନଥିବା ଅଭିଯୋଗ ହୋଇଛି ।ଏଭଳି ପରିସ୍ଥିତିରେ ଶିକ୍ଷକଙ୍କ ମୁଣ୍ଡତ ଉପରେ ବୋଝ ପଡ଼ିଛି ।ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ୟସ୍କୁଲ କିମ୍ବା ହାତରୁ ଟଙ୍କାଗଣି ଦୋକାନରୁ ଚାଉଳ କିଣି ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ପ୍ରକାଶ କରିଛନ୍ତି ।ଗତକାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ଅଭାବକୁ ନେଇ ଝଡ଼ସୃଷ୍ଟି ହୋଇଥିଲା ।ଚାଉଳ ଯୋଗାଣ ନ କଲେ ବିଦ୍ୟାଳୟରେ ଅପ୍ରିତିକର ପରିସ୍ଥିତି ଉପୁଜିପାରେ ବୋଲି ସିଆରସିସି ମାନେ ସୂଚନା ଦେଇଥିଲେ ।ଓଡ଼ଗାଁରେ ମଧ୍ୟାହ୍ନ ଭୋଜନକୁ ଆଦେ ?। ଗୁରୁତ୍ୱ ଦିଆଯାଉନାହିଁ ।ଏଠି ନାହିଁ ନାହିଁରେ ମଧ୍ୟାହ୍ନଭୋଜନ ଚାଲିଥିବା କିଛି ଶିକ୍ଷକ ନିଜ ନାଁ ଗୋପନ ରଖି କହିଛନ୍ତି । ସେମାନେ କହିଛନ୍ତି କେତେବେଳେ ଚାଉଳ ଓଜନରେ ଠକେଇ ହେଉଛିତ ଆଉ କେତେବେଳେ ନିମ୍ନମାନର ଚାଉଳ ଦିଆଯାଉଛି ।ପ୍ରକୃତ ଚାଉଳର ମାନ ଯାଞ୍ଚ ହେଉନାହିଁ ।ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଏକମାତ୍ର ପ୍ରହସନ ବୋଲି କହିଛନ୍ତି ।ଏପଟେ ଦୁଇ କିମ୍ବା ତିନି ଦିନ ଭିତରେ ଚାଉଳ ଯୋଗାଣ ନ କଲେ ବିଦ୍ୟାଳୟ ଅଚଳ ହେବବୋଲି କୁହାଯାଇଛି ।ଏହି ଘଟଣାରେ ମଧ୍ୟାହ୍ନ ଭୋଜନ ଦାୟୀତ୍ୱରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ ସନ୍ତୋଷ କୁମାର କରଙ୍କ କଥାରେ କିଛି ତାଳମେଳ ରହୁନି। ପ୍ରଥମେ ୨ କିମ୍ବା ୩ ଟି ସ୍କୁଲରେ ଚାଉଳ ନ ଥିବା ପ୍ରକାଶ କରିଥିବାବେଳେ ପୁନର୍ବାର ୮ରୁ ୧୦ ଟି ସ୍କୁଲରେ ଚାଉଳ ନ ଥିବା କହିଛନ୍ତି ।ଆମେ ଚାଉଳ ଯୋଗାଣ ପାଇଁ ଜିଲ୍ଲାପାଳଙ୍କ ଅନୁମତି ଆଣି ଖୁବଶିଘ୍ର ଚାଉଳ ଯୋଗାଣ କରିବୁବୋଲି କହିଛନ୍ତି ।ଏଭଳି ଏକ ଦାୟୀତ୍ୱପୂର୍ଣ୍ଣ ଘଟଣାକୁ ଶିକ୍ଷାବିଭାଗ କର୍ମଚାରୀମାନେ ହାଲକା ଭାବେ ଗ୍ରହଣ କରିବା ଓ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନରେ ଅବହେଳା କରିବାକୁ ନେଇ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି ।

ଖିରେଇଟାଙ୍ଗିରିରେ ୧୧୩ ହିତାଧିକାରୀ ଙ୍କୁ ଭତ୍ତା ବଣ୍ଟନ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରୀ ପଞ୍ଚାୟତ ପକ୍ଷ ରୁ ୧୧୩ ଜଣ ହିତାଧିକାରୀ ଙ୍କୁ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭତ୍ତା ବଣ୍ଟନ କରାଯାଇ ଛି । ଖିରେଇଟାଙ୍ଗିରୀ ପଞ୍ଚାୟତ ପରିସରରେ ସରପଞ୍ଚ ସଞ୍ଜୁଲତା ନା



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଧାରଣା



ପାଟଣା:-(ମହାଭାରତ) ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଙ୍କ ୭ଦଫା ନ୍ୟାଯ୍ୟ ଦାବି ନେଇ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ।ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଙ୍କ ଦୀର୍ଘ ଦିନ ଧରି ସେମାନଙ୍କର ବିଭିନ୍ନ ମୌଳିକ ଦାବି ପୂରଣ କୁ ନେଇ ସରକାର ଙ୍କ ନିକଟରେ ଦାବି କରି ଆସୁଥିବା ବେଳେ ସରକାର ପ୍ରତିଶ୍ରୁତି ହିଁ ପ୍ରତିଶ୍ରୁତି କୁ ନେଇ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କ ମହଲ ତୀବ୍ର ଅସନ୍ତୋଷ ଦେଖା ଦେଇ ଥିବା ବେଳେ ଏହା କୁ ପ୍ରତିବାଦରେ ପାଟଣା ବ୍ଲକ ୨୦ଟି ପଞ୍ଚାୟତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏକତ୍ରିତ ହୋଇ ୭ଦଫା ଦାବି ନେଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଆଗାମୀ ଦିନ ରେ ସରକାର ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଙ୍କ ଦାବି ପୂରଣ ନ କରନ୍ତି । ଆଗାମୀ ଦିନରେ ଧାରଣା ରୁ ଆନ୍ଦୋଳନ ରୂପ ନେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ବାଇକ୍‌ରୁ ପଡି ଯୁବକଙ୍କ ମୃତ୍ୟୁ

ନୂଆପଡା(ମହାଭାରତ) : ଖଡ଼ିଆଳ ଥାନା ଅନ୍ତର୍ଗତ ଅରେଡା ଛକ ନିକଟରେ ବାଇକ୍‌ରୁ ଭାରସାମ୍ୟ ହରାଇ ପଡ଼ିଯିବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଖାସବାହାଲ ଗ୍ରାମର ଝଜ ମୋହନ ଶବର । ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ଝଜ ମୋହନ ନିଜ ଭିଣୋଇଙ୍କ ଘର ଚାହାକିଆ ଗ୍ରାମରୁ ନିଜ ଗ୍ରାମ ଖାସବାହାଲକୁ ଓଡ଼ି ୨୬ ଜେ ୫୧୧୮ ନମ୍ବର ବିଶିଷ୍ଟ ବାଇକ୍‌ରେ ଫେରୁଥିଲେ । ଏହି ସମୟରେ ଅରେଡା ଛକ ନିକଟରେ ସେ ବାଇକ୍‌ରୁ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ । ଖବର ପାଇ ଖଡ଼ିଆଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ମୃତକଙ୍କ ବାପା ପୁନୁ ଶବର ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଶବ ଜବତ କରିଥିବା ବେଳେ ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍ ?ଆଇ ଅଶୋକ କୁମାର ବିହାରୀ ସୂଚନା ଦେଇଛନ୍ତି ।

ମଧୁବାବୁ ପେନସନ ଯୋଜନାରେ ୧୬୮ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ଧାମନଗର(ମହାଭାରତ): ଆଜି ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ଗ୍ରାମ ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନା ଅଧୀନରେ ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା ।ଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ଅଶୋକ ପୁହାଣ ମହୋଦୟ, ଧୂଷୁରୀ ଘଇଉର ସାଂସଦଙ୍କ ପ୍ରତିନିଧି ଶ୍ରୀ ଚତୁର୍ଭୁଜ ନାୟକ, ପୂର୍ବତନ ସରପଞ୍ଚ ତଥା ଧୂଷୁରୀ ମଣ୍ଡଳ ସଭାପତି ଶ୍ରୀ ଅନିରୁଦ୍ଧ ସାହୁ, କୋଠାର ପଂଚାୟତର ଯୁବନେତୃତ୍ୱ ଶ୍ରୀ ହିମାଦ୍ରୀ ନନ୍ଦନ ଦାସ,ପାଳସାହି ସରପଞ୍ଚ ଶ୍ରୀ ଅଜୟ ମଲ୍ଲିକ, ପୂର୍ବତନ ସରପଞ୍ଚ ଶ୍ରୀ ଭାଗିରଥି ମହାନ୍ତି, ବରିଷ୍ଠ ନେତା ଶ୍ରୀ ରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ଶ୍ରୀ ସୁଶାନ୍ତ ନାୟକ, ବରିଷ୍ଠ ନେତା ଶ୍ରୀ ରାମଚନ୍ଦ୍ର ମିଶ୍ର, ପାଳସାହି ପଞ୍ଚାୟତ ସଭାପତି ଶ୍ରୀ ଗୋବର୍ଦ୍ଧନ ମଲ୍ଲିକ ସମେତ ବହୁ ବରିଷ୍ଠ ଓ ଯୁବ ନେତୃତ୍ୱ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।

ସୁରକ୍ଷିତ ବଚପନ୍ ଅଭିଯାନ ସଚେତନତା ସଭା ଅନୁଷ୍ଠିତ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କେନ୍ଦୁଝର ସଂପାଦକ ସସ୍ମିତା ନନ୍ଦିନୀ ତ୍ରିପାଠୀ ଙ୍କ ନିର୍ଦ୍ଦେଶ କ୍ରମେ ' ପୋକ୍ସ ଆର୍ଟ ' ଉପରେ ସୁରକ୍ଷିତ ବଚପନ୍ ଅଭିଯାନ ସଚେତନତା ସଭା ଅନୁଷ୍ଠିତ ହୋଇ ଛି । କାର୍ଯ୍ୟକ୍ରମ କୁ ଶିକ୍ଷକ ପାର୍ଥ ସାରଥୀ ବେଜ୍ ଙ୍କ ସଂଯୋଜନା ଏବଂ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ନାୟକ ଙ୍କ ସଭାପତିତ୍ୱ ରେ ସଭା ଅନୁଷ୍ଠିତ ହୋଇ ଛି । ମୁଖ୍ୟ ଅତିଥି ଭାବେ ବଡ଼ପାଟଣା ସରପଞ୍ଚ ବିନତୀ ବାନରା ଯୋଗଦାନ କରି ଶିଶୁ ଆଇନ ଓ ପୋକ୍ସ ଆର୍ଟ ଉପରେ ଅଭିଭାଷଣ ରଖି ଥିଲେ । ବରେଣ୍ୟ ଅତିଥି ଭାବେ ପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷା ଅତିରିକ୍ତ ଅଧିକାରୀ ପ୍ରକାଶ କୁମାର ରାୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ପର୍ଥା ସାରଥୀ ଦାଶ, ଥାନା ଅତିରିକ୍ତ ଅଧିକାରୀ ଜିତେନ୍ଦ୍ର ପଟେଲ୍,ସମନ୍ୱିତ ଶିଶୁ ବିକାଶ ସୁପର ଭାଇଜର ରତ୍ନମଣି ମହାନ୍ତ,ସୁଭଦ୍ରା ସହଯୋଗ ସଂଯୋଜକ ସସ୍ମିତା ମହାନ୍ତ ଉପସ୍ଥିତି ଥିଲେ । ଏହି ପୋକ୍ସ ଆର୍ଟ ସଭା ରେ ବିଦ୍ୟାଳୟ ର ଛାତ୍ରୀ ମାନେ ଉପସ୍ଥିତ ଥିବା ବେଳେ ସଭା ରେ ଯୋଗଦାନ କରିଥିବା ଅତିଥି ମାନଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଂଯୋଜକ ବିଜୟ କୁମାର କାରୁଆ ଧନ୍ୟବାଦ୍ ଅର୍ପଣ କରିଛନ୍ତି ।

ପଞ୍ଚମ ପାରଳା ଉତ୍ସବ–୨୦୨୬ ଅନୁଷ୍ଠିତ



ଗଜପତି (ମହାଭାରତ): ପାରଳାଖେମୁଣ୍ଡି ଐତିହ୍ୟର ମହକ , ପରମ୍ପରାର ଝଲକ ଓ କଳାର ଅପୂର୍ବ ସମାବେଶକୁ ନେଇ ଗଜପତି ଜିଲ୍ଲା ସଦର ପାରଳାଖେମୁଣ୍ଡି ସ୍ଥିତ ଅର୍ବାନ ବ୍ୟାଙ୍କ ପଡିଆ ଠାରେ ପଞ୍ଚମ ପାରଳା ଉତ୍ସବ–୨୦୨୬ ସଫଳତା ସହ ଅନୁଷ୍ଠିତ ହୋଇଛି । ପାରଳାର ଅଗ୍ରଣୀ ଓଡିଶୀ ନୃତ୍ୟ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ଓ ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତରେ ଆୟୋଜିତ ଏହି ମହୋତ୍ସବ ଅଞ୍ଚଳରେ ସାଂସ୍କୃତିକ ଜାଗୃତିକୁ ନୂଆ ମାପଦଣ୍ଡ ଦେଇଛି । ଏହି ଉତ୍ସବ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତର ବିଭିନ୍ନ ପ୍ରାନ୍ତର କଳା , ସଂସ୍କୃତି ଓ ପାରମ୍ପରିକ ନୃତ୍ୟକୁ ଗୋଟିଏ ମଞ୍ଚରେ ଏକତ୍ରିତ କରିବା । ପ୍ରାରମ୍ଭିକ ସଭା ଉପଦେଷ୍ଟା ଆଦର୍ଶ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେ.ନାରାୟଣ ରାଓ (ପୂର୍ବତନ ବିଧାୟକ ତଥା ଭା.ଜ.ପା ର ରାଜ୍ୟ ଉପ ସଭାପତି) , ସମ୍ମାନିତ ଅତିଥି ନିର୍ମଳା ସେଠୀ , ପାରଳା ପୌରିଷଦର ଅଧ୍ୟକ୍ଷା , ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା , ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ନୃତ ?ୟ ନିର୍ଦ୍ଦେଶକ , ତ୍ରିଧାରା , ଭୁବନେଶ୍ୱର , ଗୁରୁ ପଣ୍ଡିତ ରଘୁନାଥ ପାତ୍ର , ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ , ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ , ସାଂସ୍କୃତିକ ଉନ୍ନୟନ ଅଧିକାରୀ , ଗଜପତି , ଶ୍ରୀଯୁକ୍ତ ନୃସିଂହ ଚରଣ ପଟ୍ଟନାୟକ , ପ୍ରାକ୍ତନ ଅଧ୍ୟକ୍ଷ ,ପାରଳା ପୌରିଷଦ , ଅନୁଷ୍ଠାନର ସଭାପତି ବିଚିତ୍ରନନ୍ଦ ବେବର୍ତ୍ତା ଓ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ରହି କାର୍ଯ୍ୟକ୍ରମର ଗରିମା ବୃଦ୍ଧି କରିଥିଲେ ।ଅନୁଷ୍ଠାନର ସମ୍ପାଦିକା ଶ୍ରୀମତୀ ଡି. ପ୍ରିୟଙ୍କା ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ମଞ୍ଚାସିନ ଅତିଥିମାନେ ଅନୁଷ୍ଠାନର ସଫଳତା ଓ ଓଡ଼ିଶୀ ନୃତ୍ୟ ଅଭିବୃଦ୍ଧି ପ୍ରତି ଅନୁଷ୍ଠାନର ଅବଦାନ ଉପରେ କହିଥିଲେ । ସେମାନେ ବିଶେଷ କରି ଗଜପତି ଜିଲ୍ଲାର ସଂସ୍କୃତି ପରିଚୟକୁ ବିଦେଶରେ ପ୍ରଚାର କରିଥିବା ଶିଳ୍ପୀମାନଙ୍କୁ ଭୂୟଂସୀ ପ୍ରଂଶସା କରିଥିଲେ । ଅନୁଷ୍ଠାନର ଶିଳ୍ପୀମାନେ ଡ. ଗଜେନ୍ଦ୍ର ପଣ୍ଡାଙ୍କ ସଂଯୋଜନା ଓ ଡି. ପ୍ରିୟଙ୍କାଙ୍କ ନିର୍ଦ୍ଦେଶନାରେ ' ଦାନୀ କର୍ଣ୍ଣ ' ନୃତ୍ୟନାଟିକା ପରିବେଷଣ କରିଥିଲେ । ' ତ୍ରିଧାରା' ଭୁବନେଶ୍ୱରର ନୃତ୍ୟଶିଳ୍ପୀମାନେ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ସିକ୍କିମ୍ ଆସିଥିବା ନୃତ୍ୟଶିଳ୍ପୀମାନେ ଲୋକନୃତ୍ୟ ଦର୍ଶକମାନଙ୍କ ମନକୁ ମୋହିଲା । ଏହି ଅବସରରେ ଦୀପକ ଦର୍ନାଲ , ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଲୋକନୃତ୍ୟ ଗୁରୁ (ସିକ୍କିମ୍) ଓ କଳାଶ୍ରୀ ମୁରଲୀଧର ପରିଚ୍ଛା , ରାଜ୍ୟ ପୁରସ୍କାର ପ୍ରାପ୍ତ କଳାକାର (ଗଜପତି)ଙ୍କୁ ପାରଳା ପ୍ରତିଭା -୨୦୨୬ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନ ର କଳାକାର ମାନେ ମାହାରୀ , ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ଡି. ମୋହନ ରାଓ , ବାଳକୃଷ୍ଣ ପାଣିଗ୍ରାହୀ , ବ୍ରଜରାଜ ବେହେରା , ରଶ୍ମିତା ପଣ୍ଡା , ରାଜେଶ ପାତ୍ର , ନରସିଂହ ପାଣିଗ୍ରାହୀ, ମମିତା କୁମାରୀ ସାହୁ , ବିଷ୍ଣୁ ପଣ୍ଡା, ସୁନୀଲ ପରିଚ୍ଛା , ବିଷ୍ଣୁପ୍ରିୟା ମଣ୍ଡଳ , ପ୍ରିୟା ପ୍ରଧାନ ବହୁ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।

ଉଦଯାପିତ ହେଲା ବୈରାଟପୁର ପ୍ରିମିଓର ଲିଗ ସିଜିନ–୨

ଏନଏସ କୁ ହରାଇ ଏଜେ ଫାଇଟର ଚାମ୍ପିୟନ



ଉଦଳା, (ମହାଭାରତ)ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବୈରାଟପୁର ପ୍ରିମିଓର ଲିଗ ସିଜିନ ୨ ଆଜି ଧୁମ ଧାମ ରେ ଉଦଯାପିତ ହୋଇଯାଇଛି । ୧୨ ତାରିଖ ରୁ ଆରମ୍ଭ ହୋଇଥିବା ଏହି ପ୍ରିମିଓର ଲିଗ ର ଆଜି ଥିଲା ଗ୍ରାଣ୍ଡ ଫାଇନାଲ ମ୍ୟାଚ । ୬ ଟି ଫ୍ରାଞ୍ଚାଇଜ଼ ବିଶିଷ୍ଟ ଏହି ଲିଗ ରେ ଆଜି ଫାଇନାଲ ମ୍ୟାଚ ଏଜେ ଫାଇଟର ବନାମ ଏନଏସ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏନଏସ ଫାଇଟର ବ୍ୟାଟିଂ କରି ୨୦ ଅଭର ରେ ୧୫୮ରନ ସଂଗ୍ରହ କରିଥିବା ବେଳେ ଏଜେ ଫାଇଟର ୧୬ ଅଭର ୪ଗୋଟି ରେ ୧୫୯ ରନ କରି ଫାଇନାଲ ମ୍ୟାଚ ଟିକୁ ଜିତି ବୈରାଟପୁର ପ୍ରିମିଓର ଲିଗ ସିଜିନ ୨ ର ଚମ୍ପିୟନ ହୋଇଥିଲା । ଏଜେ ଫାଇଟର ପକ୍ଷରୁ ରତୁରାଜ ଆଚାର୍ଯ୍ୟ ମ୍ୟାନ ଅଫ ଦା ମ୍ୟାଚ ସହ ସଞ୍ଜୟ ପରିଚ୍ଛା ଙ୍କୁ ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ପୁରସ୍କାର ରେ ବିବେଚନା କରାଯାଇଥିଲା । ପ୍ରିମିଓର ଲିଗ ର ମ୍ୟାନ ଅଫ ଦା ସିରିଜ ସହ ବେଷ୍ଟ ବ୍ୟାଟ୍‌ସମ୍ୟାନ ଭାବେ ମଞ୍ଜୁ ମହାକୁଡ଼ ବିବେଚନା ହୋଇଥିବା ବେଳେ ବେଷ୍ଟ ବୋଲର ଭାବେ କ୍ଷିତୀଶ ନାୟକ,ବେଷ୍ଟ ଫିଲଡର ଭାବେ ଅଞ୍ଜନ ଲେଙ୍କା ଙ୍କୁ ପୁରସ୍କାର ଦିଆଯାଇଥିଲା । ଉଦଯାପନି ଉତ୍ସବ ରେ ମୁଖ୍ୟ ଅତିଥିଭାବେ ପ୍ରିମିଓର ଲିଗ ର ମୁଖ୍ୟ ଆୟୋଜକ ଚିକୁନ ମହାନ୍ତି, ସାଗର ସିମେଣ୍ଟ ଲିମିଟେଡ୍ ର ମାର୍କେଟିଙ୍ଗ ଅଫିସର ଅକତାର ରାଜା ଖାନ, ସେଲ୍ସ ପ୍ରମୋଟର ଷ୍ଟାଫ ଅବିନାଶ ସାହୁ, ଡିମଗଡ଼ିଆ ଏକଲବ୍ୟ ମୋଡେଲ ସ୍କୁଲ ର ପ୍ରିନସିପାଲ ଅଭୟ କୁମାର,ସମିତି ସଭ୍ୟା ସୁକାନ୍ତି ହାଁସଦା, ତୁଳସୀ ଏଣ୍ଟରପ୍ରାଇଜେସ ର ମାଲିକ ସ୍ୱପ୍ନେଶ୍ୱର ମହାପାତ୍ର,ଦାସ ଏଣ୍ଡ ଦାସ ସୁଇଟ୍ସ ର ମାଲିକ ଟିକିନା ଦାସବାବୁ ସ୍ଥାନୀୟ ୱାର୍ଡ ମେମ୍ବର ରୁପାଲୀ ବେହେରା, ପ୍ରିମିଓର ଲିଗ ର ମୁଖ୍ୟ ଉପଦେଷ୍ଟା ଦୀପକ ମିଶ୍ର ଉପସ୍ଥିତ ରହି ପୁରସ୍କାର ବିତରଣୀ ଉତ୍ସବ ରେ ସାମିଲ ହୋଇଥିଲେ । ଫାଇନାଲ ମ୍ୟାଚ ର ଏମ୍ପେୟାର ଭାବେ ଓସିଏ ପେନାଲ ତାପସ କୁମାର ଦେ ଏବଂ ଦୀନବନ୍ଧୁ ଦାସ ଖେଳ ପରିଚାଳନା କରିଥିବା ବେଳେ କେ.ପଙ୍କଜ ମହାକୁଡ଼ ସମ୍ପୂର୍ଣ୍ଣ ଧକ୍ଷରାବିବରଣୀ ପ୍ରଦାନ କରିଥିଲେ । ଆଜିର ମ୍ୟାଚ ରେ ଅନଲାଇନ ସ୍କୋରର ଭାବେ ରବିନାରାୟଣ ମହାପାତ୍ର ଅଫଲାଇନ ସ୍କୋରର ଭାବେ ତପନ ବେହେରା ସହଯୋଗ କରିଥିବା ବୈରାଟପୁର ପ୍ରିମିଓର ଲିଗ ର ସଦସ୍ୟ ରୁଦ୍ର ରଣା , ମୁନା ସିଂ ଭବେଶ ବେହେରା, ମଣ୍ଟୁ ବେହେରା, ହେମନ୍ତ ବେହେରା, ସାନୁ ମହାପାତ୍ର, ହୃଦୟ ବେହେରା, ହେମନ୍ତ ମାଝୀ, ସୁନୀଲ ବେହେରା, ଉମାକାନ୍ତ ମାଝୀ, ଚିନ୍ମୟ ଶତପଥୀ,ପ୍ରମୁଖ ଉପସ୍ଥିତ ଥିଲେ ।

ନୂଆପଡ଼ାରେ ଦୁଇଦିନିଆ ଜନଗଣନା-୨୦୨୬ର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆରମ୍ଭ



ନୂଆପଡ଼ା(ମହାଭାରତ): ଭାରତର ଜନଗଣନା-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ସମ୍ପର୍କରେ ଜିଲ୍ଲା ଏବଂ ଚାର୍ଜ ସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ନିମନ୍ତେ ଏକ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆଜି ସ୍ଥାନୀୟ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଯାଇଛି । ପ୍ରଶିକ୍ଷଣାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଜନଗଣନା କାର୍ଯ୍ୟର ସଫଳ ଓ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ସମସ୍ତ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କର ପ୍ରଭାବଶାଳୀ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣଙ୍କଠାରୁ ତଥ୍ୟ ସଂଗ୍ରହ ସମୟରେ ବିଶେଷକରି ସମ୍ବେଦନଶୀଳ ପ୍ରଶ୍ନ ପଚାରିବା ବେଳେ ସମସ୍ତ ଜନଗଣନାକାରୀ ଯେପରି ଭଦ୍ର, ନମ୍ର,ଶାଳୀନ ଓ ସମ୍ବେଦନଶୀଳ ଆଚରଣ ପ୍ରଦର୍ଶନ କରିବେ, ସେଥିପ୍ରତି ସେ ଗୁରୁତ୍ୱ ଦେଇଥିଲେ । କୌଣସି ପ୍ରଶ୍ନ ଦ୍ୱାରା ଯେପରି କୌଣସି ନାଗରିକଙ୍କ ଭାବନା ଆହତ ନ ହୁଏ କିମ୍ବା ସେମାନେ ଅସହଜ ଅନୁଭବ ନ କରନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ଏଥିସହିତ, ସ୍ୱୟଂ ଜନଗଣନା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବା ସହ ଏହା ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ନାଗରିକମାନଙ୍କୁ ଅଧିକରୁ ଅଧିକ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବାକୁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ସେ ଅନୁରୋଧ କରିଥିଲେ । ପ୍ରଶିକ୍ଷଣ ଶିବିରରେ ଅଭୟ ନାରାୟଣ ନାୟକ, ଯୁଗ୍ମ ନିର୍ଦ୍ଦେଶକ, ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା, ପ୍ରଶିକ୍ଷକ ଭାବେ ଯୋଗଦେଇ ଜନଗଣନା ସମ୍ବନ୍ଧୀୟ ବିଭିନ୍ନ ପ୍ରକ୍ରିୟା, ନିୟମାବଳୀ ଓ ଦାୟିତ୍ୱ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ।

ଏହି ଅବସରରେ ସୁବାଷ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ, ନୂଆପଡ଼ାଙ୍କ ସମେତ ସମସ୍ତ ଚାର୍ଜ ଅଧିକାରୀ, ଅତିରିକ୍ତ ଚାର୍ଜ ଅଧିକାରୀ, ସମ୍ପୃକ୍ତ ସହାୟକ ଏବଂ ବୈଷୟିକ ସହାୟକ ଯୋଗଦେଇଥିଲେ । ବିଜୟ କୁମାର ଛତ୍ରିଆ, ସହକାରୀ ଜିଲ୍ଲାପାଳ ତଥା ଉପଜିଲ୍ଲା ଜନଗଣନା ଅଧିକାରୀ, ନୂଆପଡ଼ା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିର ୨୬.୧୧.୨୦୨୬ ତାରିଖରେ ମଧ୍ୟ ଜାରି ରହିବ ।

କାର୍ତ୍ତିକ ପୂର୍ଣ୍ଣିମା ଓ ବିଭିନ୍ନ ଧାର୍ମିକ ଉତ୍ସବରେ ଯୋଗଦେଲେ ଦଶପଲ୍ଲା ବିଧାୟକ

ଦଶପଲ୍ଲା, (ମହାଭାରତ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ଅବସରରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବ୍ଲକର ବିଭିନ୍ନ ଗ୍ରାମରେ ଆୟୋଜିତ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ପ୍ରଥମେ ସେ ଘୋଳାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ତାଲେରା ଗ୍ରାମର ମା' ବେଲେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହାପରେ ଘୁଗୁଡ଼ିପଡ଼ା ପଞ୍ଚାୟତର ଲୋଧାପଙ୍ଗା ଗ୍ରାମରେ ରାସ ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ସାଂସ୍କୃତିକ ସମାରୋହ ଏବଂ ମଧ୍ୟଖଣ୍ଡ ଗ୍ରାମରେ ପଞ୍ଚୁକ ଯାତ୍ରା ମହୋତ୍ସବରେ ଯୋଗଦେଇଥିଲେ । ଏଥିସହ ବିଧାୟକ ଶ୍ରୀ ବେହେରା ଖମାରସାହି ପଞ୍ଚାୟତ ଅନ୍ତର୍ଗତ ପୁରୁଣା ଦଶପଲ୍ଲାଠାରେ ପ୍ରଭୁ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କୁ ଦର୍ଶନ କରିଥିଲେ । ପରେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭୀମରାଠାରେ ଶ୍ର



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ମୋଦୀ କ୍ୟାବିନେଟ୍‌ର ୪ ବଡ଼ ଘୋଷଣା

ବିମାନବନ୍ଦର ନିର୍ମାଣ ଓ ଭିତ୍ତିଭୂମିକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୫।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି । ଏଥିରେ ଆସାମରେ ନୂଆ ଗ୍ରୀନଫିଲ୍ଡ ବିମାନବନ୍ଦର ନିର୍ମାଣ ପାଇଁ ମଞ୍ଜୁରୀ ଏବଂ ନିର୍ମାଣ ଓ ଭିତ୍ତିଭୂମି ଉପକରଣ ଉତ୍ପାଦନ କ୍ଷେତ୍ରର ବିକାଶ ପାଇଁ ୧୧ ହଜାର କୋଟି ଟଙ୍କାର ଯୋଜନା ଅନ୍ୟତମ। ଏହାସହ ବନ୍ଦର ଏବଂ ଡାକ ବିଭାଗକୁ ନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଘୋଷଣା ହୋଇଛି। କେନ୍ଦ୍ର କ୍ୟାବିନେଟ୍ ଆସାମର ସିଲଚର ନିକଟ ଡୋଲୁଠାରେ ଏକ ନୂଆ ଗ୍ରୀନଫିଲ୍ଡ ବିମାନବନ୍ଦର ନିର୍ମାଣକୁ ଅନୁମୋଦନ କରିଛି । ଏହି ପ୍ରକଳ୍ପ ପାଇଁ ୨,୦୧୪ କୋଟି ଟଙ୍କା ଖର୍ଚ୍ଚ ହେବ । ଏହାର ସମସ୍ତ ଖର୍ଚ୍ଚ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଇଇଓ) ନିଜସ୍ୱ ଆଭ୍ୟନ୍ତରୀଣ ସମ୍ବଳରୁ ବହନ କରିବ ।

ପ୍ରସ୍ତାବିତ ବିମାନବନ୍ଦରରେ ୧୨,୩୫୧ ବର୍ଗ ମିଟରର ନୂଆ ଟର୍ମିନାଲ ବିଲ୍ଡିଂ ଏବଂ ୨,୭୦୫ ମିଟର ଲମ୍ବ ଓ ୪୫ ମିଟର ଚଉଡ଼ାର ରନୱେ ନିର୍ମାଣ କରାଯିବ ।



ଏହା ଏକାଥରକେ ୮୦୦ ଯାତ୍ରୀଙ୍କୁ (୪୦୦ ଆସୁଥିବା ଓ ୪୦୦ ଯାଉଥିବା) ସମ୍ଭାଳିବା ସହ ବର୍ଷକୁ ପ୍ରାୟ ୧.୦୧ ନିୟୁତ ଯାତ୍ରୀଙ୍କୁ ସେବା ଯୋଗାଇପାରିବ । ଏହି ବିମାନବନ୍ଦର ମିଜୋରାମ, ତ୍ରିପୁରା, ନାଗାଲାଣ୍ଡ ଓ ମଣିପୁର ପାଇଁ ଏକ ପ୍ରମୁଖ ସଂଯୋଗ କେନ୍ଦ୍ର ହେବ । ଏହାଦ୍ୱାରା ବରାକ ଉପତ୍ୟକା ଓ ଉତ୍ତର-ପୂର୍ବ ଭାରତର ଅନ୍ୟ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବ । ପର୍ଯ୍ୟଟନ ସହ ଫଳ ଓ ପନିପରିବା ଭଳି ଶୀଘ୍ର ନଷ୍ଟ ହେଉଥିବା ସାମଗ୍ରୀର ପରିବହନକୁ ମଧ୍ୟ ଏହା ଗତି ଦେବ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଭାରତକୁ କ୍ରେନ୍, ବୁଲଡୋଜର ଓ ଟନେଲ୍ ବୋରିଂ ମେସିନ୍ ନିର୍ମାଣର ଏକ ବଡ଼ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ଯୋଜନା ରହିଛି । ଏଥିପାଇଁ ୧୧,୦୦୦ କୋଟି ଟଙ୍କାର ନିର୍ମାଣ ଓ ଭିତ୍ତିଭୂମି ଉପକରଣ ଉତ୍ପାଦନ ଯୋଜନାକୁ ମଞ୍ଜୁରୀ ମିଳିଛି । ୨୦୨୬-୨୭ରୁ ୨୦୩୩-୩୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆଠ ବର୍ଷ ଧରି ଏହି ଯୋଜନା ଚାଲିବ । ଏଥିରେ ଟନେଲ୍ ବୋରିଂ ମେସିନ୍, ଅଫ୍-ହାଇୱେ ଟ୍ରକ୍, ଏକ୍ସକାଭେଟର, କ୍ରେନ୍, ଲୋଡର, ପାଇଲିଂ ରିଗ୍ ଓ ଡ୍ରିଲିଂ ମେସିନ୍ ଭଳି ସାତଟି ଉପକରଣ ବର୍ଗର ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ । ଏହି ଉପକରଣଗୁଡ଼ିକ ପାଇଁ ବିଦେଶୀ ଆମଦାନୀ ଉପରେ ନିର୍ଭରଶୀଳତା କମାଇବା ଏହାର ଲକ୍ଷ୍ୟ ।

ଏହାବ୍ୟତୀତ କାମରାଜର ବନ୍ଦରରେ ଦ୍ୱିତୀୟ କଣ୍ଟେନର ଟର୍ମିନାଲ ନିର୍ମାଣକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ଜିଏସ୍‌ଟି ସହ ଏହି ପ୍ରକଳ୍ପର ଆନୁମାନିକ ଖର୍ଚ୍ଚ ୪,୨୮୮.୨୬ କୋଟି ଟଙ୍କା । ଏଥିରେ ୯୦୦ ମିଟର ଲମ୍ବର ଟର୍ମିନାଲ ନିର୍ମାଣ କରାଯିବ । ଏହାର ବାର୍ଷିକ କଣ୍ଟେନର ପରିଚାଳନା କ୍ଷମତା ୨୦ ଲକ୍ଷ ଟଉଟ ରହିବ । ସେହିପରି ୧,୧୪୧ କୋଟି ଟଙ୍କାର ବଜେଟ୍ ସହ ଡାକ ପରିଚାଳନା ଯୋଜନା ଏବଂ ୧,୪୯୧ କୋଟି ଟଙ୍କାର ବଜେଟ୍ ସହ ସମ୍ପତ୍ତି ପରିଚାଳନା ଯୋଜନାକୁ ଜାରି ରଖିବା ପାଇଁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି । ଏହାଦ୍ୱାରା ଡାକ ନେଟୱର୍କର ଆଧୁନିକୀକରଣ, ପାର୍ସଲ ସେବାର ବିକାଶ ଏବଂ ଗ୍ରାମାଞ୍ଚଳରେ ଡାକ ସଂଯୋଗକୁ ଅଧିକ ସୁଦୃଢ଼ କରାଯିବ ।

ଭ ମାଳଦ୍ୱୀପରେ ଅଜିତ ଡୋଭାଲ

ସମୁଦ୍ର ଦେଶ ଦେଶ ମଧ୍ୟରେ ସମ୍ପର୍କର ମାଧ୍ୟମ

ନୂଆଦିଲ୍ଲୀ,୨୫।୧୧: ସମୁଦ୍ର କେବଳ ଜଳରାଶି ନୁହେଁ, ଏହା ଦେଶ ଦେଶ ମଧ୍ୟରେ ସମ୍ପର୍କ ଓ ସହଯୋଗର ଏକ ମାଧ୍ୟମ। ସମୁଦ୍ର ଦେଶଗୁଡ଼ିକୁ ଯୋଡ଼ିଥାଏ, ବିଭାଜିତ କରେନାହିଁ । ମାଳଦ୍ୱୀପର ରାଜଧାନୀ ମାଲେରେ ଆୟୋଜିତ ଅଷ୍ଟମ କଲମ୍ବୋ ସୁରକ୍ଷା ସମ୍ମିଳନୀରେ ଯୋଗଦେଇ ଏଭଳି ମନ୍ତବ୍ୟ ଦେଇଛନ୍ତି ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ । ଏଥିସହ ଭାରତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ବଜାୟ ରଖିବାକୁ ସମସ୍ତ ଦେଶ ଏକାଠି ହୋଇ କାମ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ଡୋଭାଲ କହିଛନ୍ତି ଯେ, ଭାରତ ମହାସାଗରକୁ ଘେରି ରହିଥିବା ଦେଶଗୁଡ଼ିକ ମଧ୍ୟରେ ଦୀର୍ଘଦିନର ସାମୁଦ୍ରିକ ଓ ସଭ୍ୟତାଗତ ସମ୍ପର୍କ ରହିଛି । ଏହି ସମ୍ପର୍କକୁ ଆହୁରି ମଜଭୁତ କରିବା ସହ ଆଞ୍ଚଳିକ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱ ଦେବା ଦରକାର । ସାମୁଦ୍ରିକ ସୁରକ୍ଷା ସୁନିଶ୍ଚିତ ହେଲେ ଆଞ୍ଚଳିକ ସ୍ଥିରତା ସହ ଆର୍ଥିକ ସମୃଦ୍ଧିର ରାସ୍ତା ମଧ୍ୟ ପ୍ରଶସ୍ତ ହେବ । ଏହି ଅବସରରେ ସେ ଭାରତ ମହାସାଗର ଅଞ୍ଚଳରେ ଡ୍ରଗ୍ସ ଚାଲାଣକୁ ସବୁଠାରୁ ବଡ଼ ବିପଦ ଭାବେ ଅଭିହିତ କରିଥିଲେ । ଏହାର ମୁକାବିଲା ପାଇଁ ସମସ୍ତ ଦେଶ ମିଳିତ ଭାବେ



ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଥିଲେ । ଏଥିସହ ଆତଙ୍କବାଦ, ମୌଳବାଦ, ସୀମାପାର ଚୋରା ଚାଲାଣ ଓ ସଂଗଠିତ ଅପରାଧ ଭଳି ବିପଦର ମୁକାବିଲା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । ସେହିପରି ସାଇବର ସୁରକ୍ଷା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ଏବଂ ବିପର୍ଯ୍ୟୟ ସମୟରେ ମାନବିକ ସହାୟତା ଯୋଗାଇବା ଭଳି କ୍ଷେତ୍ରରେ ମଧ୍ୟ ଦେଶଗୁଡ଼ିକ ମଧ୍ୟରେ ସମନ୍ୱୟ ରହିବା ଜରୁରୀ ବୋଲି ସେ କହିଥିଲେ । ପରିବର୍ତ୍ତିତ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଭାରତ ମହାସାଗରୀୟ ଦେଶଗୁଡ଼ିକ ସହ ଭାରତ ନିରନ୍ତର ସହଯୋଗ କରିବା ସହ ସାମୂହିକ କ୍ଷମତାକୁ ମଜଭୁତ କରିବାକୁ ପ୍ରତିବଦ୍ଧ ବୋଲି ଡୋଭାଲ ସ୍ପଷ୍ଟ କରିଛନ୍ତି । ଉଲ୍ଲେଖଯୋଗ୍ୟ, କଲମ୍ବୋ ସୁରକ୍ଷା କନକ୍ଲେଭ ହେଉଛି ଭାରତ ମହାସାଗରୀୟ ଅଞ୍ଚଳର ଏକ ପ୍ରମୁଖ ଆଞ୍ଚଳିକ ସୁରକ୍ଷା ଗୋଷ୍ଠୀ । ଏଥିରେ ଭାରତ, ଶ୍ରୀଲଙ୍କା, ମାଳଦ୍ୱୀପ, ମରିସସ୍, ବାଂଲାଦେଶ ଓ ସେଚେଲ୍ସ ସାମିଲ ଅଛନ୍ତି। ୨୦୨୦ ମସିହାରେ ପ୍ରତିଷ୍ଠିତ ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାମୁଦ୍ରିକ ସୁରକ୍ଷା, ଆତଙ୍କବାଦ ବିରୋଧୀ ଲଢ଼େଇ ଏବଂ ସୀମାପାର ଅପରାଧର ମୁକାବିଲା ପାଇଁ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବା ।

ପୁଣେ କୋର୍ଟ ବାହାରେ ଜଘନ୍ୟକାଣ୍ଡ

ଧାରୁଆ ଅସ୍ତ୍ରରେ ହାତ କାଟିଲେ ଓ ଗୁଳି କଲେ ଦୁର୍ବୃତ୍ତ



ପୁଣେ,୨୫।୧୧: ମହାରାଷ୍ଟ୍ରର ପୁଣେ ସହରରେ ଥିବା ଶିବାଜୀନଗର ଜିଲ୍ଲା ଅଦାଲତ ବାହାରେ ବୁଧବାର ଜଘନ୍ୟକାଣ୍ଡ ଦେଖିବାକୁ ମିଳିଛି । ଜଣେ ହତ୍ୟା ଅଭିଯୁକ୍ତ କୋର୍ଟ କାର୍ଯ୍ୟ ପାଇଁ ଆସିଥିବାବେଳେ ତାଙ୍କ ଉପରେ ଆକ୍ରମଣ ହୋଇଛି । ଘଟଣାର ଏକ ଭିଡିଓରେ ମନ୍ଦାର ମାରୁତି କିଭଲେ ନାମକ ବ୍ୟକ୍ତି ଜଣକ ଫୁଟପାଥରେ ରକ୍ତ ଜର୍ଜରିତ ପଡ଼ିଥିବାର ଦେଖାଯାଇଛି, ଦୁଇଜଣ ବ୍ୟକ୍ତି ତାଙ୍କୁ ବାରମ୍ବାର ମାରଣାସ୍ତ୍ରରେ ଆକ୍ରମଣ କରିବା ପରେ ଗୁଳି ଚଳାଇଥିଲେ । ଏହା ପରେ ଅଭିଯୁକ୍ତମାନେ ସେଠାରୁ ଦୁଇଟି ସ୍କୁଟରରେ ଖସି ପଳାଇ ଯାଉଥିବାର ଦେଖାଯାଇଥିଲା । କିଭଲେଙ୍କ ବାମ ହାତ ପାପୁଲି ପାଖରୁ କଟିଯାଇଥିବା ବେଳେ ଏହି ଘଟଣାରେ ଅନ୍ୟ ଜଣେ ଆହତ ହୋଇଛନ୍ତି । ଖବର ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଅଦାଲତର ୪ ନମ୍ବର ଫାଟକ ନିକଟରେ ଏହି ଘଟଣା ଘଟିଥିଲା । ଦୁଇଟି ଦୁଇଚକିଆ ଯାନରେ ଆସିଥିବା ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ଆକ୍ରମଣ କରିବା ସହିତ ହଠାତ୍ ଗୁଳି ଚଳାଇଥିଲେ । ଏହାପରେ ସେମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ । ଆକ୍ରମଣରେ କିଭଲେଙ୍କ ହାତ କଟିଯିବାରୁ ସେ ଘଟଣାସ୍ଥଳରେ ଅଚେତ ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଛି । ଘଟଣାସ୍ଥଳରୁ ଦୁଇଟି ବନ୍ଧୁକ ଓ ଗୁଳିର ଖୋକା ମଧ୍ୟ ମିଳିଛି ।

ରାହୁଲ ଗାନ୍ଧୀଙ୍କୁ ମିଳିଲା ସୁପ୍ରିମ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୫।୧୧: *କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ବୁଧବାର ଦିନ ସୁପ୍ରିମକୋର୍ଟରୁ ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗ ସମ୍ପର୍କିତ ଏକ ମାମଲାରେ ଏକ ବଡ଼ ଆଇନଗତ ଆଶ୍ୱସ୍ତି ମିଳିଛି । ଭାରତର ମୁଖ୍ୟ ବିଚାରପତି (CJI) ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠଙ୍କ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି, ଯାହା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (CBI) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ED) କୁ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଦାୟର ଅଭିଯୋଗରେ ଥିବା ଅଭିଯୋଗ ଯାଞ୍ଚ କରିବା ଏବଂ ତଦନ୍ତର ପ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା । ସୁପ୍ରିମକୋର୍ଟ ସମଗ୍ର ମାମଲାକୁ ନୂତନ ଶୁଣାଣି ପାଇଁ ଆଲ୍ଲାହାବାଦ ହାଇକୋର୍ଟକୁ ଫେରାଇ ଆଣିଛି । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ହାଇକୋର୍ଟ ଏବେ ମାମଲାର ସମସ୍ତ ଦିଗକୁ ପୁନଃ ଶୁଣାଣି କରିବେ, ଯେଉଁଥିରେ ଅଭିଯୋଗକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଆଇନ ଦୃଷ୍ଟିରେ ରଖାଯିବ କି ନାହିଁ ତାହାର ମୌଳିକ ଆଇନଗତ ପ୍ରଶ୍ନ ମଧ୍ୟ ଅନ୍ତର୍ଭୁକ୍ତ । ଏହି ନୂତନ ଶୁଣାଣି ସମୟରେ ରାହୁଲ ଗାନ୍ଧୀଙ୍କ ପକ୍ଷ ମଧ୍ୟ ଶୁଣାଯିବ । କର୍ଣ୍ଣାଟକ ବିଜେପି କର୍ମୀ ଏସ. ଭିଗ୍ନେଶ ଶିଶିରଙ୍କ ଦ୍ୱାରା ଆଲ୍ଲାହାବାଦ ହାଇକୋର୍ଟରେ ଦାୟର କରାଯାଇଥିବା ଏକ ଆବେଦନରୁ ଏହି ଆଇନଗତ ବିବାଦ ଆରମ୍ଭ ହୋଇଥିଲା । ଆବେଦନକାରୀ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ତଦନ୍ତ ଦାବି କରିଥିଲେ, ଅଭିଯୋଗ କରିଥିଲେ ଯେ ରାହୁଲ ଗାନ୍ଧୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ସେମାନଙ୍କ ଜ୍ଞାତ ଆୟର ଉତ୍ସଠାରୁ ଅଧିକ ସମ୍ପତ୍ତି ସଂଗ୍ରହ କରିଛନ୍ତି ଏବଂ ବିଦେଶ ଗସ୍ତରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଅଭିଯୋଗକାରୀ ଏସ୍. ଭିଗ୍ନେଶ ଶିଶିର ବୁଧବାର ଶୁଣାଣି ସମୟରେ ସୁପ୍ରିମକୋର୍ଟରେ ଉପସ୍ଥିତ ଥିଲେ । ତାଙ୍କ ବ୍ୟକ୍ତିଗତ ହାଜର ହେତୁ, ସୁପ୍ରିମକୋର୍ଟ କାର୍ଯ୍ୟର ଲାଇଭ୍ ଷ୍ଟ୍ରିମିଂର ଅଡିଓ ଏବଂ ଭିଡିଓକୁ ବନ୍ଦ କରି ଶୁଣାଣିକୁ ମ୍ୟୁଟ୍ କରିଥିଲେ । ପୂର୍ବରୁ, ୧୨ ମଇ, ୨୦୨୬ରେ, ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ସିବିଆଇ ଏବଂ ଇଡିକୁ ଅଭିଯୋଗ ଯାଞ୍ଚ କରିବାକୁ ଏବଂ ଆବେଦନକାରୀଙ୍କ ଅଭିଯୋଗ ପାଇଲେ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ, ୨୦ ଜୁଲାଇରେ, ହାଇକୋର୍ଟ ସିବିଆଇର ପ୍ରତିକ୍ରିୟାରେ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ତଦନ୍ତର ସ୍ଥିତି ଉପରେ ଏକ ନୂତନ ସତ୍ୟପାଠ ମାଗିଥିଲେ ।



ପ୍ରଶିକ୍ଷଣ ବେଳେ ଖସିପଡ଼ିଲା ହେଲିକପ୍ଟର: ୫ ଯବାନ ମୃତ

ଆଙ୍କାରା,୨୫।୧୧: ତୁର୍କୀରେ ପୁଣିଥରେ ଏକ ବଡ଼ ଧରଣର ସାମରିକ ହେଲିକପ୍ଟର ଦୁର୍ଘଟଣା ଘଟିଛି । ମଙ୍ଗଳବାର ଏକ ପ୍ରଶିକ୍ଷଣ ଉଡ଼ାଣ ସମୟରେ ବାୟୁସେନାର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୫ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି । ମାତ୍ର ୧୨ ଦିନ ପୂର୍ବରୁ ଘଟିଥିବା ଅନ୍ୟ ଏକ ଅନୁରୂପ ଦୁର୍ଘଟଣାରେ ୪ ଜଣ ଯବାନ ପ୍ରାଣ ହରାଇଥିବା ବେଳେ ପୁଣି ଏକ ଅଘଟଣ ତୁର୍କୀ ସେନା ପାଇଁ ଗଭୀର ଚିନ୍ତାର କାରଣ ପାଲଟିଛି । ତୁର୍କୀ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ବାୟୁସେନାର ଏକ ଫ୍ରାନ୍ସ ନିର୍ମିତ 'ଏଏସ୍-୫୩୨ କୁଗାର' ସୈନ୍ୟ ପରିବହନକାରୀ ହେଲିକପ୍ଟର ପ୍ରଶିକ୍ଷଣ ଅଭିଯାନରେ ଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ପାଞ୍ଚଜଣ ବୀର ସହକର୍ମୀ ପ୍ରାଣ ହରାଇଛନ୍ତି । ଇସ୍ତାନବୁଲ ଏବଂ ଆଙ୍କାରା ମଧ୍ୟବର୍ତ୍ତୀ ଏସ୍କିସେହିର ସ୍ଥିତ ଏକ ବାୟୁସେନା ଘାଟିରୁ ଏହି ହେଲିକପ୍ଟରଟି ଉଡ଼ାଣ ଭରିଥିଲା । ସ୍ଥାନୀୟ ଟେଲିଭିଜନରେ ପ୍ରସାରିତ ଦୃଶ୍ୟରେ ତେପେବାସୀ ଜିଲ୍ଲା ନିକଟସ୍ଥ ଏକ ବିସ୍ତୀର୍ଣ୍ଣ ଖୋଲା ପଡ଼ିଆରେ ଜରୁରୀକାଳୀନ ଉଦ୍ଧାରକାରୀ ଯାନଗୁଡ଼ିକ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିବା ଦେଖିବାକୁ ମିଳିଛି । ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ଗତ ନଭେମ୍ବର ୧୨ ତାରିଖରେ ପୂର୍ବ ତୁର୍କୀରେ ଏକ 'ଏସ୍-୭୦' ହେଲିକପ୍ଟର ଅଜଣା କାରଣରୁ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାରିଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା, ଯାହାର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ୱୀକାରକରଣ ଦିଆଯାଇନାହିଁ ।

ସମୁଦ୍ରରେ ଖସିଲା ଛୋଟ ବିମାନ, ୬ ମୃତ

ଆମେରିକା,୨୫।୧୧: ଆମେରିକାର ମିସିସିପିରେ ବଡ଼ ବିମାନ ଦୁର୍ଘଟଣା ଘଟିଛି । ହର୍ନ ଆଇଲ୍ୟାଣ୍ଡ ନିକଟରେ ସମୁଦ୍ରରେ ଖସିପଡ଼ିଲା ଏକ ଛୋଟ ବିମାନ। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୬ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକଙ୍କ ମଧ୍ୟରେ ୪ ଜଣ ବୟସ୍କ ଏବଂ ୮ରୁ ୧୦ ବର୍ଷ ବୟସର ଦୁଇ ଜଣ ଶିଶୁ ରହିଛନ୍ତି । ଆମେରିକାର କୋଷ୍ଟ ଗାର୍ଡ ଏହି ମୃତ୍ୟୁ ଖବରକୁ ସ୍ୱଷ୍ଟ କରିଛି । ସନ୍ଧାନ ଅଭିଯାନ ସମୟରେ ବୁଡ଼ାଳିମାନେ ବିମାନର ଫ୍ୟୁଜେଲେଜ୍ ଭିତରେ ସମସ୍ତ ଛଅ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ । ଏହାପରେ ଉଦ୍ଧାର ଅଭିଯାନକୁ ଶେଷ କରାଯାଇଛି । ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ସେସନା ସେଞ୍ଚୁରିଅନ୍ ୨୧୦ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ନ୍ୟୁ ଅର୍ଲିନ୍ସରୁ ଫ୍ଲୋରିଡାର ଫୋର୍ଟ ମାୟର୍ସ ଅଭିମୁଖେ ଉଡ଼ାଣ ଭରିଥିଲା ବିମାନ । ତେବେ ଉଡ଼ାଣର ପ୍ରାୟ ୩୦ ମିନିଟ୍ ପରେ ମିସିସିପିର ପଶ୍ଚିମଗୌଲା ନିକଟରେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଫଳରେ ଅପରାହ୍ନ ପ୍ରାୟ ୩ଟା ୪୫ ମିନିଟ୍ ସମୟରେ ଏନେଇ କୋଷ୍ଟ ଗାର୍ଡକୁ ସୂଚନା ମିଳିଥିଲା । ପରେ ତୁରନ୍ତ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରୁ ୩ଟି ଲାଇଫ୍ ଜ୍ୟାକେଟ୍, ଗୋଟିଏ ଲାଇଫ୍ ରାଫ୍ଟ ଏବଂ ବିମାନର କ୍ୟାବିନ୍ ଠାବ କରିଥିଲେ ।

ଘରେ ଘଣ୍ଟାକୁ ୫ ମହିଳା ହତ୍ୟାର ଶିକାର

ନୂଆଦିଲ୍ଲୀ,୨୫।୧୧: ଗତବର୍ଷ ସାରା ବିଶ୍ୱରେ ୪୭ ହଜାରରୁ ଅଧିକ ମହିଳା,ବାଳିକା ସେମାନଙ୍କ ପରିବାର ବା ଜୀବନସାଥୀଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି । ଅର୍ଥାତ ପ୍ରତି ୫ ଘଣ୍ଟାରେ ପ୍ରାୟ ଜଣେ ମହିଳାଙ୍କୁ ସେମାନଙ୍କ ସମ୍ପର୍କୀୟ ହତ୍ୟା କରିଥିବା ଜାତିସଂଘର ଏକ ରିପୋର୍ଟରେ ପ୍ରକାଶ ପାଇଛି । ୟୁଏନ୍ ୱିମେନ ଏବଂ ଜାତିସଂଘର ଡ୍ରଗ୍ସ ଓ ଅପରାଧ କାର୍ଯ୍ୟାଳୟର ଆକଳନ ଅନୁଯାୟୀ, ଗତ କିଛି ବର୍ଷ ହେଲା ଜୀବନସାଥୀ କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା ହତ୍ୟାର ଶିକାର ହେଉଥିବା ମହିଳା ଏବଂ ବାଳିକାଙ୍କ ସଂଖ୍ୟା ୪୫,୦୦୦ରୁ ୫୧,୦୦୦ ମଧ୍ୟରେ ରହି ଆସିଛି । ରିପୋର୍ଟ ମୁତାବକ ଗତବର୍ଷ ଉଦ୍ଦେଶ୍ୟ ମୂଳକ ଭାବେ ହତ୍ୟାରେ ଶିକାର ହୋଇଥିବା ୭୮ହଜାର ମହିଳା ଏବଂ ବାଳିକାଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତଙ୍କୁ ସେମାନଙ୍କ ଜୀବନସାଥୀ କିମ୍ବା ପରିବାର ସଦସ୍ୟମାନେ ହତ୍ୟା କରିଛନ୍ତି । ପ୍ରତିଦିନ ହାରାହାରି ୧୨୯ ଜଣ ମହିଳା ଏବଂ ବାଳିକାଙ୍କୁ ହତ୍ୟା କରାଯାଇଛି । ୧୨୨ଟି ଦେଶ ଏବଂ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ତଥ୍ୟର ବିଶ୍ଳେଷଣରୁ ଏହା ଜଣାପଡ଼ିଛି । ୨୦୨୫ରେ ବିଶ୍ୱବ୍ୟାପୀ ମୋଟ ହତ୍ୟା ପୀଡ଼ିତଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୧୯ ପ୍ରତିଶତ ଥିବାବେଳେ, ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତଙ୍କୁ ଘରେ ବା ଘରୋଇ ପରିସରରେ ହତ୍ୟା କରାଯାଇଛି । ଅନ୍ୟପକ୍ଷରେ,ଏଭଳି ପରିସ୍ଥିତିରେ ପ୍ରାଣ ହରାଇଥିବା ପୁରୁଷଙ୍କ ସଂଖ୍ୟା ୧୧ ପ୍ରତିଶତ ରହିଛି ।

ହସିନାଙ୍କ ଫେରିବା ଘୋଷଣାରେ ଥରହର ବାଂଲାଦେଶ

୨୨ ଦିନିଆ ଫୁଲ୍ ଲକଡାଉନ୍ ଡାକରା

ନୂଆଦିଲ୍ଲୀ,୨୫।୧୧: ବାଂଲାଦେଶ ରାଜନୀତ

ଭୁବନେଶ୍ୱର, ଗୁରୁବାର ୨୬ ନଭେମ୍ବର ୨୦୨୬
Bhubaneswar, Thursday 26 November 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ଜାତୀୟ ସ୍ତରୀୟ ଭଲିବଲ ପ୍ରତିଯୋଗିତା ପାଇଁ ମନୋନୀତ

କେନ୍ଦ୍ରାପଡ଼ା-୨୫/୧୧: କେନ୍ଦ୍ରାପଡା ଜିଲ୍ଲା ବଗଡା ହାଇସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ତଥା ସ୍ପୋଡସ୍ ଏକାଡେମୀରେ ତାଲିମ ନେଉଥିବା ଅମିଷା ପାଣି ୧୪ ବର୍ଷରୁ କମ୍ ବର୍ଗର ଜାତୀୟ ସ୍ତରୀୟ ଭଲିବଲ ପ୍ରତିଯୋଗିତା ପାଇଁ ମନୋନିତ ହୋଇଥିବା ଜଣାପଡିଛି। ୧୪ ବର୍ଷରୁ କମ୍ ବର୍ଗରେ ସେ ଓଡିଶା ପାଇଁ ପ୍ରତିନିଧିତ୍ୱ କରିବେ। ଦୀର୍ଘ ୬ ମାସ ହେଲା ସେ ବଗଡା ସ୍ପୋଡସ୍ ଏକାଡେମୀରେ ତାଲିମ ନେଉଥିଲେ। ଏକାଡେମୀର ପ୍ରତିଷ୍ଠାତା ଶକ୍ତି ସ୍ୱରୂପ ସାହୁ, ହାଇସ୍କୁଲର ଖେଳ ଶିକ୍ଷକ ଉମାକାନ୍ତ କର ଓ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ବେହେରା ପ୍ରମୁଖ ତାଙ୍କ ସଫଳତାରେ ଆନନ୍ଦ ପ୍ରକାଶ କରିବା ସହ ଉତରୋତର ଉନ୍ନତି କାମନା କରିଛନ୍ତି।



୭ ଭାରତୀୟ ଖେଳାଳି ହେଲେ 'ଅନକ୍ୟାପ୍ଡ'

ନୂଆଦିଲ୍ଲୀ, ୨୫।୧୧: ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ୨୦୨୬ ନିଲାମ ପାଇଁ ଖେଳାଳିମାନେ ନିଜ ନାମ ପଞ୍ଜୀକରଣ କରିସାରିଛନ୍ତି। ଇଂଲଣ୍ଡର ଅଲରାଉଣ୍ଡର ବେନ ଷ୍ଟୋକ୍ସ ମଧ୍ୟ ନିଲାମ ପାଇଁ ନିଜ ନାମ ଦାଖଲ କରିଛନ୍ତି। ଏବେ ସେ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛନ୍ତି। ଆଇପିଏଲ ନିଲାମ ପାଇଁ ମୋଟ ୧୨୨୦ ଜଣ ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି। ଏଥିରେ ଅଧିକାଂଶ ଅନକ୍ୟାପ୍ଡ ଖେଳାଳି ରହିଛନ୍ତି। ଯେଉଁ ଖେଳାଳିମାନେ ଅନ୍ତର୍ଜାତୀୟ କ୍ରିକେଟ ଖେଳିନାହାନ୍ତି, ସେମାନଙ୍କୁ ସାଧାରଣତଃ 'ଅନକ୍ୟାପ୍ଡ' କୁହାଯାଏ। ତେବେ ୨୦୨୪ରେ ବିସିସିଆଇ ଏକ ନୂଆ ନିୟମ ଆଣିଥିଲା। ଏହି ନିୟମ ଯୋଗୁଁ ଏବେ ଈଶାନ୍ତ ଶର୍ମାଙ୍କ ସମେତ କିଛି ଖେଳାଳି ନିଲାମରେ ଅନକ୍ୟାପ୍ଡ ବର୍ଗରେ ନିଜ ନାମ ପଞ୍ଜୀକରଣ କରିଛନ୍ତି।

୨୦୨୪ରେ ବିସିସିଆଇ ଆଇପିଏଲ ପାଇଁ ଏକ ନୂଆ ନିୟମ ଲାଗୁ କରିଥିଲା। ଏହା ଅନୁଯାୟୀ, ଯଦି କୌଣସି ଖେଳାଳି ଦେଶ ପାଇଁ ୫ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ଧରି ଅନ୍ତର୍ଜାତୀୟ ମ୍ୟାଚ ଖେଳିନଥିବେ, ତେବେ ତାଙ୍କୁ 'କ୍ୟାପ୍ଡ' ବଦଳରେ 'ଅନକ୍ୟାପ୍ଡ' ଖେଳାଳିଙ୍କ ତାଲିକାରେ ସାମିଲ କରାଯିବ। ଈଶାନ୍ତ ଶର୍ମା ଶେଷ ଥର ପାଇଁ ନଭେମ୍ବର ୨୦୨୧ରେ ଭାରତ ପାଇଁ ମ୍ୟାଚ ଖେଳିଥିଲେ। ସେ କାନପୁରରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚରେ ଖେଳିଥିଲେ। ଏହା ପରଠାରୁ ସେ ଭାରତୀୟ ଦଳରୁ ବାଦ ପଡ଼ିଥିଲେ। ଇଶାନ୍ତ ଭାରତ ପାଇଁ ୧୦୫ଟି ଟେଷ୍ଟ ମ୍ୟାଚ ଖେଳି ୩୧୧ଟି ଉଇକେଟ୍ ନେଇଛନ୍ତି।

ଇଶାନ୍ତ ଶର୍ମାଙ୍କ ବ୍ୟତୀତ ଭାରତୀୟ ଦଳ ପାଇଁ ଖେଳିଥିବା ଆଉ ୬ ଜଣ ଖେଳାଳି ଆଇପିଏଲ ୨୦୨୬ ନିଲାମରେ ଅନକ୍ୟାପ୍ଡ ବର୍ଗରେ ସାମିଲ ହୋଇଛନ୍ତି। ସନ୍ଦୀପ ୱାରିୟର, ଚେତନ ସକାରିଆ, ନବଦୀପ ସାଇନି ଏବଂ ନୀତିଶ ରାଣା ଜୁଲାଇ ୨୦୨୧ରେ ଶ୍ରୀଲଙ୍କା ବିପକ୍ଷ ଟି-୨୦ ଅନ୍ତର୍ଜାତୀୟ ସିରିଜରେ ଭାରତ ପାଇଁ ଶେଷ ଥର ଖେଳିଥିଲେ। ଏବେ ସେମାନେ ମଧ୍ୟ ଅନକ୍ୟାପ୍ଡ ଖେଳାଳି ହୋଇଯାଇଛନ୍ତି। ସେହିପରି ମୟଙ୍କ ମାର୍କଣ୍ଡେ ଫେବୃଆରୀ ୨୦୧୯ରେ ଏବଂ ମନଦୀପ ସିଂହ ୨୦୧୬ରେ ଭାରତ ପାଇଁ ଶେଷ ମ୍ୟାଚ ଖେଳିଥିଲେ। ସେମାନେ ମଧ୍ୟ ଏବେ ଅନକ୍ୟାପ୍ଡ ଖେଳାଳିଙ୍କ ବର୍ଗରେ ସାମିଲ ହୋଇଛନ୍ତି।



ନିଲାମରେ ଅନକ୍ୟାପ୍ଡ ଖେଳାଳି ହେବା ଦ୍ୱାରା ସିଧାସଳଖ କୌଣସି ଫାଇଦା ମିଳିନଥାଏ। ତେବେ ମେଗା ଅକ୍ସନ ପୂର୍ବରୁ ଫ୍ରାଞ୍ଚାଇଜିଗୁଡ଼ିକ ଅନକ୍ୟାପ୍ଡ ଖେଳାଳିଙ୍କୁ କମ ଟଙ୍କାରେ ରିଟେନ କରିପାରିବେ। ଗତ ମେଗା ଅକ୍ସନ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ ୨୦୧୯ରେ ଭାରତ ପାଇଁ ଶେଷ ମ୍ୟାଚ ଖେଳିଥିବା ଏମ.ଏସ. ଧୋନୀଙ୍କୁ ଅନକ୍ୟାପ୍ଡ ଖେଳାଳି ଭାବେ ମାତ୍ର ୪ କୋଟି ଟଙ୍କାରେ ରିଟେନ କରିବାରେ ସଫଳ ହୋଇଥିଲା।ଆଇପିଏଲ ୨୦୨୮ ପୂର୍ବରୁ ମେଗା ଅକ୍ସନ ହେବାକୁ ଯାଉଛି। ଏଭଳି ସ୍ଥିତିରେ ଫ୍ରାଞ୍ଚାଇଜିଗୁଡ଼ିକ ଚାହିଁଲେ ଏହି ଭାରତୀୟ ଖେଳାଳିମାନଙ୍କୁ କିଣି ଆଗାମୀ ମେଗା ଅକ୍ସନରେ ଅନକ୍ୟାପ୍ଡ ଖେଳାଳି ଭାବେ କମ ମୂଲ୍ୟରେ ରିଟେନ କରିପାରିବେ।ଆଇପିଏଲ ୨୦୨୬ ନିଲାମରେ ସମସ୍ତ ୧୦ଟି ଦଳକୁ ମିଶାଇ ମୋଟ ୬୬ଟି ସ୍ଥାନ ଖାଲି ରହିଛି। ଏହି ନିଲାମ ପାଇଁ ୧୨୨୦ ଜଣ ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୯୩୯ ଜଣ ଭାରତୀୟ ଏବଂ ୨୮୧ ଜଣ ବିଦେଶୀ ଖେଳାଳି ଅଛନ୍ତି। ଡିସେମ୍ବର ୧ ତାରିଖ ସୁଦ୍ଧା ସମସ୍ତ ୧୦ଟି ଫ୍ରାଞ୍ଚାଇଜି ୧୨୨୦ ଜଣ ଖେଳାଳିଙ୍କ ମଧ୍ୟରୁ ନିଜ ପସନ୍ଦର ଖେଳାଳିଙ୍କୁ ସର୍ଟଲିଷ୍ଟ କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିବେ।

ଆନ୍ତର୍ଜାତୀୟ ତାଇକୋଣ୍ଡୋ ଚାମ୍ପିଅନସିପରେ ସୁଭଜିତଙ୍କୁ ରୌପ୍ୟ ପଦକ

ସୁକିନ୍ଦା୨୫/୧୧: ନଭେମ୍ବର ୨୦ରୁ ମହାରାଷ୍ଟ୍ରର ପୁନେ ଠାରେ ଚାଲିଥିବା ଆନ୍ତର୍ଜାତୀୟ ତାଇକୋଣ୍ଡୋ ଚାମ୍ପିଅନସିପ ୨୦୨୬ରେ ଯାଜପୁର ଜିଲ୍ଲା ସୁକିନ୍ଦାର ଯୁବକ ସୁଭଜିତ୍ ମଲିକ ଉଚ୍ଚ କୋଟୀର କ୍ରୀଡା ପ୍ରଦର୍ଶନ କରି ରୋପ୍ୟ। ପଦକ ହାସଲ କରି ନିଜର ଓ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ୩୬ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ବଳବା ଗ୍ରାମ ସଞ୍ଜୟ ମଲିକଙ୍କ ପୁଅ ସୁଭଜିତ୍ ମଲିକ(୧୯) ଓ ଅନ୍ୟ ଜଣେ ଯାଜପୁରରୋଡ ଅଞ୍ଚଳରେ ରହୁଥିବା କିଶୋର ମାଲିଙ୍କ ପୁଅ ରୋହିତ ମାଲି(୧୯) ଅନ୍ୟତମ। ସୁଭଜିତ୍ ପୂର୍ବରୁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚ କୋଟୀର କ୍ରୀଡା ପ୍ରଦର୍ଶନ କରି ସମ୍ମାନିତ ହେବାସହ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ସ୍ଥାନ ପାଇ କୃତିତ୍ୱ ଅର୍ଜନ କରିଥିବାରୁ ସୁଭଜିତଙ୍କୁ ବିଭିନ୍ନ ମହଲରୁ ସୁଭେଚ୍ଛାର ସୁଅ ଛୁଟିଛି। ଯାଜପୁର ତାଇକୋଣ୍ଡୋ ସଂଘ ସଂପାଦକ ତଥା କୋଚ୍ ଦଶରଥ ସ୍ୱାଇଁ ସୁଭଜିତଙ୍କୁ ନିୟମିତ ପ୍ରଶିକ୍ଷଣ ପ୍ରଦାନ କରନ୍ତି।



ବୈଭବଙ୍କୁ ସୂର୍ଯ୍ୟକୁମାରଙ୍କ ପ୍ରଶଂସା

ନୂଆଦିଲ୍ଲୀ: ଭାରତୀୟ ଟି୨୦ ଦଳର ପୂର୍ବତନ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଙ୍ଗଳବାର 'ଏକ୍ସ' (ଟ୍ୱିଟର) ରେ ବୈଭବ ସୂର୍ଯ୍ୟବଂଶୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପୋଷ୍ଟ ସେୟାର କରିଛନ୍ତି। ଏସିସି ପୁରୁଷ 'ରାଇଜିଂ ଷ୍ଟାର୍ସ ଏସିଆ କପ୍'ରେ, ବୈଭବ ସୂର୍ଯ୍ୟବଂଶୀ ୟୁଏଇ ବିପକ୍ଷରେ ମାତ୍ର ୫୩ଟି ବଲ୍ ଖେଳି ୨୦୪ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର ଏହି ଚମତ୍କାର ପ୍ରଦର୍ଶନକୁ ଦେଖି ସୂର୍ଯ୍ୟକୁମାର କହିଛନ୍ତି ଯେ ବୈଭବ ବର୍ତ୍ତମାନ ତାଙ୍କ ପାଇଁ ଏକ ପ୍ରେରଣା ପାଲଟିଛନ୍ତି।



ଦୋହାରେ ଅନୁଷ୍ଠିତ ଏହି ମ୍ୟାଚରେ, ବୈଭବ ନିଜ ଇନିଂସରେ ୭ଟି ଚୌକା ଏବଂ ୨୮ଟି ଛକା ମାରିଥିଲେ। ଏହା ସହିତ, ସେ ଏକ ବୃତ୍ତିଗତ କ୍ରିକେଟ୍ ମ୍ୟାଚର ଗୋଟିଏ ଇନିଂସରେ ୨୫ କିମ୍ବା ତଦୁର୍ଦ୍ଧ୍ୱ ଛକା ମାରିବାରେ ପ୍ରଥମ ଖେଳାଳି ହୋଇପାରିଛନ୍ତି।

ମୈଦାନରେ ବୈଭବଙ୍କ ଏହି ବିସ୍ଫୋରକ ପ୍ରଦର୍ଶନର କିଛି ଘଣ୍ଟା ପରେ, ସୂର୍ଯ୍ୟକୁମାର 'ଏକ୍ସ' ରେ ଏକ ସ୍ୱତନ୍ତ୍ର ପୋଷ୍ଟ କରି ଲେଖିଛନ୍ତି ଯେ ବୈଭବ ବର୍ତ୍ତମାନ ତାଙ୍କ ପାଇଁ ଏକ ପ୍ରେରଣା ଅଟନ୍ତି। ସେ ବୈଭବଙ୍କୁ ଜଣେ 'ସ୍ୱତନ୍ତ୍ର' ଖେଳାଳି ବୋଲି ବର୍ଣ୍ଣନା କରି ଲେଖିଛନ୍ତି, 'ବୈଭବ ସୂର୍ଯ୍ୟବଂଶୀ, ତୁମେ ବର୍ତ୍ତମାନ ମୋର ପ୍ରେରଣା। କି ଚମତ୍କାର ଖେଳାଳି! 'ଉଲ୍ଲେଖଯୋଗ୍ୟ ଯେ, ଟି୨୦ ବିଶ୍ୱକପ୍ ୨୦୨୬ ପରଠାରୁ ସୂର୍ଯ୍ୟକୁମାର ଜାତୀୟ ଦଳରୁ ବାହାରେ ଅଛନ୍ତି। ବର୍ତ୍ତମାନ ସେ 'ସୟଦ ମୁସ୍ତାକ ଅଲି ଟ୍ରଫି'ରେ ଖେଳୁଛନ୍ତି, ଯେଉଁଠାରେ ସେ ଚମତ୍କାର ବ୍ୟାଟିଂ ଫର୍ମରେ ଅଛନ୍ତି। ସେ ପୁଣିଥରେ ଜାତୀୟ ଦଳକୁ ଫେରିବା ପାଇଁ ଉଦ୍ୟମ କରୁଛନ୍ତି।

ବୈଭବଙ୍କୁ ନବୀନଙ୍କ ଟ୍ୱିଟ୍

ନୂଆଦିଲ୍ଲୀ, ୨୫।୧୧: ଭାରତୀୟ କ୍ରିକେଟର ନୂଆ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂକୁ ନେଇ ଏବେ ସବୁଠି ଚର୍ଚ୍ଚା। ମାତ୍ର ୫୩ଟି ବଲ୍‌ରେ ୨୦୪ ରନ୍‌ର ଐତିହାସିକ ଇନିଂସ ଖେଳି କ୍ରିକେଟ ଜଗତରେ ହଇଚଇ ସୃଷ୍ଟି କରିଛନ୍ତି ଏହି ଯୁବ ବ୍ୟାଟର। ତାଙ୍କର ଏହି ଅବିଶ୍ୱସନୀୟ ପ୍ରଦର୍ଶନକୁ ନେଇ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଖୁସି ବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏସିଆ କପ ରାଇଜିଂ ଷ୍ଟାର୍ସ ୨୦୨୬ରେ ବୈଭବ ଏମିତି ଏକ କାରନାମା କରିଛନ୍ତି, ଯାହା କ୍ରିକେଟ ଇତିହାସରେ ଦୀର୍ଘଦିନ ମନେ ରହିବ। ସେ ମାତ୍ର ୨୮ଟି ବଲ୍‌ରେ ଶତକ ଏବଂ ୪୦ଟି ବଲ୍‌ରେ ୧୫୦ ରନ ପୂରଣ କରିଥିଲେ। ଏହାପରେ ମାତ୍ର ୫୨ଟି ବଲ୍‌ରେ ଦ୍ୱିଶତକ ହାସଲ କରି ଲିଷ୍ଟ-ଏ କ୍ରିକେଟ୍‌ର ଦ୍ରୁତତମ ଦ୍ୱିଶତକର ବିଶ୍ୱ ରେକର୍ଡ ନିଜ ନାମରେ କରିଥିଲେ। ଏହି ଇନିଂସରେ ବୈଭବ ୨୮ଟି ଛକା ମାରି ଲିଷ୍ଟ-ଏ କ୍ରିକେଟ୍ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାର ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି।

ପୁଣି ୧ ନମ୍ବରର ଦ୍ୱାରଦେଶରେ ବୁମରା, ଟପ୍ ୧୦ରେ ୩ ଭାରତୀୟ ବ୍ୟାଟର୍

ଦୁବାଇ, ୨୫।୧୧: ପୁଣି ଥରେ ବିଶ୍ୱର ୧ ନମ୍ବର ଟେଷ୍ଟ ବୋଲର ହେବା ଠିଡ଼ରେ ଭାରତର ଯଶପ୍ରୀତ ବୁମରା। ଆଇସିସି ପୁରୁଷ ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ବୁମରା ଏବେ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି। ୱାର୍କ ଲୋଡ ମ୍ୟାନେଜମେଣ୍ଟ ଯୋଗୁ ବୁମ୍ରା ବିଶ୍ରାମ ନେଇଥିବାରୁ ୧ ନମ୍ବର ସ୍ଥାନରୁ ତଳକୁ ଖସି ଯାଇଥିଲେ। ହେଲେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟରେ ସେ କମବ୍ୟାକ କରିବା ମାତ୍ରେ ପୁଣିଥରେ ଆଇସିସି ବୋଲିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ପହଞ୍ଚିବାର ସମ୍ଭାବନା ସୃଷ୍ଟି ହୋଇଛି।

ସେହିପରି ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ଟପ ୧୦ରେ ଭାରତର ଋଷଭ ପନ୍ତ, ଯଶସ୍ୱୀ ଜୈସୱାଲ ଓ ଶୁବମନ ଗିଲ ନିଜକୁ ସାମିଲ କରିପାରିଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୱେଲିଂଟନ ଟେଷ୍ଟ ଡ୍ର ରହିବା ପରେ ଆଜି ଆଇସିସି ପକ୍ଷରୁ ଅପଡେଟ୍ ରାଙ୍କିଙ୍ଗ ତାଲିକା ଜାରି କରାଯାଇଛି।

ନୂଆ ଅପଡେଟ୍ ଅନୁଯାୟୀ, ବୁମ୍ରା ଏକାଥରେ ୩ଟି ସ୍ଥାନ ଉପରକୁ ଉଠି ଇଂଲଣ୍ଡର ଓଲି ରବିନସନଙ୍କ ୮୫୬ ପଏଣ୍ଟ ସହ ସମକକ୍ଷ ହୋଇଛନ୍ତି। କିନ୍ତୁ ବୁମ୍ରା କମ ମ୍ୟାଚରେ ୮୫୬ ପଏଣ୍ଟ ପାଇଥିବାରୁ ଦ୍ୱିତୀୟ ସ୍ଥାନରେ ଓ ରବିନସନ ତୃତୀୟ ସ୍ଥାନରେ ଅଛନ୍ତି।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟରେ ବୁମ୍ରା ୫ ୱିକେଟ ନେଇଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ପୂର୍ବଭଳି ୧ ନମ୍ବର ସ୍ଥାନରେ ଅଛନ୍ତି। କିନ୍ତୁ ବୁମ୍ରାଙ୍କ ଠାରୁ ତାଙ୍କ ପଏଣ୍ଟ ସଂଖ୍ୟା ମାତ୍ର ୨୫ ଅଧିକ।

ଯଦି ବୁମ୍ରା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଦମଦାର ପ୍ରଦର୍ଶନ କରନ୍ତି, ତା'ହେଲେ ସେ ଆସନ୍ତା ୧ ତାରିଖ ପରେ ପୁଣି ବିଶ୍ୱର ୧ ନମ୍ବର ଟେଷ୍ଟ ବୋଲର ବନିଯିବେ। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୱେଲିଂଟନ ଟେଷ୍ଟର ପ୍ରଥମ ଇନିଂସରେ ବୁମରା ୪ଟି ଓ ଦ୍ୱିତୀୟ ଇନିଂସରେ ଗୋଟିଏ ସଫଳତା ପାଇଥିଲେ। ୨୦୨୬ ଅଗଷ୍ଟ ମାସରୁ ବୁମରା ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ଥିଲେ। କିନ୍ତୁ ସେହି ମାସର ଶେଷ ଭାଗରେ ଷ୍ଟାର୍କ ତାଙ୍କୁ ହଟାଇ ଦେଇଥିଲେ।

ଏପଟେ ୱେଲିଂଟନ ଟେଷ୍ଟ ଭାରତୀୟ ବ୍ୟାଟରଙ୍କ ରାଙ୍କିଙ୍ଗରେ ମଧ୍ୟ ଉନ୍ନତି ଆଣିଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟରେ ଭାରତ ୫ ଜଣ ଟପ ଅର୍ଡର ବ୍ୟାଟର ଅତିକମରେ ୮୦ ରନ କରିଥିଲେ। ଏଥିଯୋଗୁ ସେମାନଙ୍କ ମଧ୍ୟରୁ ୩ ଜଣ ଟପ ୧୦ରେ ପ୍ରବେଶ କରିଛନ୍ତି। ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ଭାରତର ଋଷଭ ପନ୍ତ ସବୁଠାରୁ ଉପରେ ରହିଛନ୍ତି। ସେ ଗୋଟିଏ ସ୍ଥାନ ଉପରକୁ ଉଠି ୬ଷ୍ଠରେ ପହଞ୍ଚି ଯାଇଛନ୍ତି। ସେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟର ପ୍ରଥମ ଇନିଂସରେ ୧୦ଟି ଚୌକା ଓ ୬ଟି ଛକା ବଳରେ ୧୨୮ ରନ କରିଥିଲେ। ଅଧିନାୟକ ଶୁବମନ ଗିଲ୍ ୧୪୬ ବଲରେ ୯୮ ରନ କରିବାରୁ ରାଙ୍କିଙ୍ଗରେ ୩ଟି ସ୍ଥାନ ଉପରକୁ ଉଠି ୭ମ ସ୍ଥାନ ଦଖଲ କରିଛନ୍ତି। ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ସବୁଠାରୁ ବଡ଼ ଲମ୍ଫ ମାରିଛନ୍ତି ଦଳର ଓପନର ଯଶସ୍ୱୀ ଜୈସୱାଲ। ସେ ୮୯ ବଲରେ କରିଥିଲେ ୮୫ ରନ। ସେ ୫ଟି ସ୍ଥାନ ଉଠି ୯ମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ବ୍ୟାଟିଂ ରାଙ୍କିଙ୍ଗର ୧ ନମ୍ବରରେ ପୂର୍ବଭଳି ଇଂଲଣ୍ଡର ହ୍ୟାରୀ ବ୍ରୁକ, ଦ୍ୱିତୀୟରେ ଜୋ ରୁଟ, ତୃତୀୟରେ ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା, ୪ର୍ଥରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଓ ୫ମରେ ଷ୍ଟିଭ ସ୍ମିଥ ରହିଛନ୍ତି।



ଦିଲ୍ଲୀରେ ଥୋମାସ୍ ଓ ଉବେର କପ୍

ନୂଆଦିଲ୍ଲୀ୨୫।୧୧: ବିଶ୍ୱ ବ୍ୟାଡ୍‌ମିଣ୍ଟନ୍‌ର ଅନ୍ୟତମ ମର୍ଯ୍ୟାଦାଜନକ ଦଳଗତ ପ୍ରତିଯୋଗିତା ଥୋମାସ୍ ଓ ଉବେର କପ୍‌ର ୨୦୨୮ ସଂସ୍କରଣ ଆୟୋଜନ କରିବ ଭାରତ। ନୂଆଦିଲ୍ଲୀରେ ଏହି ପ୍ରତିଯୋଗିତା ଆୟୋଜିତ ହେବ ବୋଲି ବୁଧବାର ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ମହାସଂଘ (ବିଡବ୍ଲ୍ୟୁଏଫ୍) ଘୋଷଣା କରିଛି। ପୁରୁଷଙ୍କ ଥୋମାସ୍ କପ୍ ଓ ମହିଳାଙ୍କ ଉବେର କପ୍‌କୁ ନେଇ ଏହି ବିଶ୍ୱ ଦଳଗତ ଚାମ୍ପିୟନ୍‌ସିପ୍ ଶେଷ ଥର ପାଇଁ ଭାରତରେ ୨୦୧୪ରେ ଆୟୋଜିତ ହୋଇଥିଲା। ୨୦୨୨ରେ ଭାରତୀୟ ପୁରୁଷ ଦଳ ପ୍ରଥମ ଥର ପାଇଁ ଥୋମାସ୍ କପ୍ ଜିତି ଐତିହାସିକ ସଫଳତା ହାସଲ କରିଥିଲା। ଚଳିତ ବର୍ଷ ମଧ୍ୟ ନୂଆଦିଲ୍ଲୀରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନ୍‌ସିପ୍ ଆୟୋଜିତ ହୋଇଥିଲା। ବୁଧବାର ବିଡବ୍ଲ୍ୟୁଏଫ୍ ୨୦୨୭ରୁ ୨୦୩୦ ପର୍ଯ୍ୟନ୍ତ ଅନ୍ୟ କେତେକ ପ୍ରମୁଖ ପ୍ରତିଯୋଗିତାର ଆୟୋଜକ ଦେଶ ଓ ସହରର ନାମ ମଧ୍ୟ ଘୋଷଣା କରିଛି। ୨୦୨୭ ବିଶ୍ୱ ଚାମ୍ପିୟନ୍‌ସିପ୍ କାନାଡାର ମିସିସାଗାରେ, ୨୦୨୯ ସୁଦିରମନ୍ କପ୍ ଦକ୍ଷିଣ କୋରିଆରେ ଏବଂ ୨୦୩୦ ଥୋମାସ୍-ଉବେର କପ୍ ଫାଇନାଲ୍ସ ଫ୍ରାନ୍ସର ପ୍ୟାରିସ୍‌ରେ ଅନୁଷ୍ଠିତ ହେବ। ବିଡବ୍ଲ୍ୟୁଏଫ୍ ସଭାପତି ଖୁନିଂ ପାଟାମା ଲିସ୍ୱାଦ୍ରାକୁଲ୍ ଏଥିନେଇ କହିଛନ୍ତି ଯେ ଚୟନ ହୋଇଥିବା ଆୟୋଜକ ଦେଶ ଓ ସହର ହେଉଛନ୍ତି ବ୍ୟାଡ୍‌ମିଣ୍ଟନ୍‌ର ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଏହାର ବିଶ୍ୱବ୍ୟାପୀ ଲୋକପ୍ରିୟତା ବୃଦ୍ଧି ଦିଗରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଏଭଳି ଆୟୋଜନ ଖେଳାଳିଙ୍କୁ ଉତ୍କୃଷ୍ଟ ମଞ୍ଚ ଯୋଗାଇବା ସହ ପ୍ରଶଂସକଙ୍କୁ ଏଥିଲାଗି ଆକର୍ଷିତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



'ସମଗ୍ର ବିହାର ଗର୍ବିତ'

ନୂଆଦିଲ୍ଲୀ, ୨୫।୧୧: ମଙ୍ଗଳବାର ଦୋହାରେ ଅନୁଷ୍ଠିତ 'ଏସିସି ପୁରୁଷ ଏସିଆ କପ ରାଇଜିଂ ଷ୍ଟାର୍ସ ୨୦୨୬' ରେ, ୟୁନାଇଟେଡ ଆରବ ଏମିରେଟ୍ସବିପକ୍ଷରେ ଏକ ଐତିହାସିକ ଦ୍ୱିଶତକ ହାସଲ କରିଥିବାରୁ ବିହାର କ୍ରିକେଟ ଆସୋସିଏସନ ସଭାପତି ଶ୍ରୀ ହର୍ଷ ବର୍ଦ୍ଧନ, ବିହାରର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୧୫ ବର୍ଷୀୟ ଏହି ବାମହାତୀ ବ୍ୟାଟର ମାତ୍ର ୫୩ଟି ବଲରୁ ୨୦୪ ରନ ସଂଗ୍ରହ କରି ନିଜର ଦମଦାର ପ୍ରଦର୍ଶନ ଦ୍ୱାରା କ୍ରିକେଟ ଜଗତକୁ ଚକିତ କରିଦେଇଛନ୍ତି। ଏହି ଅସାଧାରଣ ଇନିଂସରେ ସେ ୨୮ଟି ଛକା ଏବଂ ୭ଟି ଚୌକା ମାରିଥିଲେ। ଏହି ସମାନ ଇନିଂସରେ, ବୈଭବ 'ଲିଷ୍ଟ ଏ' କ୍ରିକେଟରେ ସବୁଠାରୁ ଦ୍ରୁତ ଶତକ ହାସଲ କରିବାର ରେ